ଧରିତ୍ରୀ
DHARITRI

January 3-9, 2021 ₹ 2/-

# ଛୁଟିଦିନ



# ପର୍ଯ୍ୟଟନର ଗାଁ

୩
ପ୍ରଚ୍ଛଦ ପ୍ରସଙ୍ଗ

ବିଭିନ୍ନ ପର୍ଯ୍ୟଟନ ମଧ୍ୟରେ ଗ୍ରାମ୍ୟ ପର୍ଯ୍ୟଟନ ନିହାତି ଭାବରେ ସ୍ୱତନ୍ତ୍ର। ଯେଉଁଥିରେ ରହିଛି ଓଡ଼ିଶାର ବିଭିନ୍ନ ଗାଁ। ଏଠାରେ ପର୍ଯ୍ୟଟକ ବୁଲାବୁଲି କରିବା ସହ ସେହି ଅଞ୍ଚଳର ପରମ୍ପରା, ଖାଦ୍ୟପେୟକୁ ନେଇ ପାଇପାରିବେ ଏକ ସୁନ୍ଦର ଅନୁଭବ...

ସହରଠୁ ଦୂର
୧୩

୮/୯
ସିନେମା



# ହଳଦୀ ଦାଗ କିପରି ଛଡାଇବେ

**ମସଲାଦାର ଖାଦ୍ୟ, ତରକାରୀ ଆଦି ଖାଇବାର ମଜା ନେବା ସମୟରେ ବେଳେ ବେଳେ ଆମ ଶାର୍ଟ ବା ଡ୍ରେସ୍ ଆଦିରେ ହଳଦୀ ଦାଗ ଲାଗିଯାଏ । ସେଥିପାଇଁ ଜାଣନ୍ତୁ ଘରୋଇ ଉପାୟରେ କିପରି ଛଡାଇ ହେବ ଏହି ଦାଗ....**

**ବେକିଙ୍ଗ୍ ସୋଡା :** ବେକିଙ୍ଗ ସୋଡା ହେଉଛି ସବୁପ୍ରକାର ଦାଗ ଛଡେଇବାର ସାର୍ବଜନୀନ ଉପାୟ। ଅଳ୍ପ ପାଣିରେ ବେକିଙ୍ଗ୍ ସୋଡା ଓ ଭିନେଗାର ମିଶାଇ ଏକ ମୋଟା ପେଷ୍ଟ୍ ପ୍ରସ୍ତୁତ କରି ତାକୁ ହଳଦୀ ଦାଗ ଲାଗିଥିବା ସ୍ଥାନରେ ଲଗାଇ କିଛି ସମୟ ଛାଡି ଦିଅନ୍ତୁ । ଏହା ପରେ ବ୍ରସ୍ ସାହାଯ୍ୟରେ ଘଷି ସଫା କରନ୍ତୁ।

**ଭିନେଗାର ଓ ଲେମ୍ବୁରସ :**



ଏହି ଦୁଇଟି ଜିନିଷ ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଥାଏ । ଅଳ୍ପ ପାଣିରେ ଭିନେଗାର ଓ ଲେମ୍ବୁ ରସ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ସେଥିରେ ହଳଦୀ ଦାଗ ହୋଇଥିବା କପଡାକୁ ଅଧ ଘଣ୍ଟା ପାଇଁ ବୁଡେଇ ରଖନ୍ତୁ । ଏହା ପରେ ନର୍ମାଲ୍ ଡିଟରଜେଣ୍ଟରେ ସଫା କରନ୍ତୁ । ଦେଖିବେ ଦାଗ ଲିଭିଯାଇଥିବ । କେବଳ ଉଲ୍ ବା ନରମ କପଡା ଜାତୀୟ ଜିନିଷ ଏଥିରେ ସଫା କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ସେଗୁଡିକ ନଷ୍ଟ ହୋଇ ଯାଇପାରେ।

**ଲିକ୍ୟୁଡ୍ ଡିସ୍ ୱାସ୍ :** ବେଳେ ବେଳେ ଲିକ୍ୟୁଡ୍ ଡିସ୍ ୱାସ୍ ମଧ୍ୟ ଡିଟରଜେଣ୍ଟ ପରି କାମ ଦେଇଥାଏ । ଅଳ୍ପ ଭିମ୍ ଲିକ୍ୟୁଡ୍‌କୁ ପାଣିରେ ମିଶାଇ ହଳଦୀ ଦାଗ ଲାଗିଥିବା ସ୍ଥାନରେ ଲଗାଇ କିଛି ସମୟରେ ଛାଡି ଦେଇ ସଫା କଲେ ଦାଗ ଦୂର ହୋଇ ଯାଏ।

**ଟୁଥ୍ ପେଷ୍ଟ୍ :** ପ୍ରଥମେ ହଳଦୀ ଲାଗିଥିବା ସ୍ଥାନକୁ ପାଣିରେ ଧୋଇବା ପରେ ବ୍ରସ୍ ସାହାଯ୍ୟରେ ଦାଗ ଥିବା ସ୍ଥାନରେ ଟୁଥ୍ ପେଷ୍ଟ ଲଗାଇ ଘଷି କରି ସଫା କରନ୍ତୁ । ଦେଖିବେ ଦାଗ ଫିକା ପଡିଯିବ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୩-୯

**ମେଷ**: କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ଅଭିନନ୍ଦନ, ସରକାରୀ ସାହାଯ୍ୟପ୍ରାପ୍ତି, ପାରିବାରିକ ଶାନ୍ତି, ନୂତନ ଗୃହଲାଭ, କର୍ମକ୍ଷେତ୍ରରେ ବିତର୍କ, ଉଚ୍ଚଶିକ୍ଷାରେ ବାଧା, ସୃଜନଶୀଳତାରୁ ପ୍ରଶଂସା, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, ଋଣ ପରିଶୋଧର ଯୋଜନା।

**ବୃଷ**: ଆରୋଗ୍ୟ ଲାଭ, ଜମିଜମା ବିବାଦ, ଆନୁଷ୍ଠାନିକ ତତ୍ପରତା, ପ୍ରକାଶନରେ ସମସ୍ୟା, ସଙ୍ଗୀତ ସମାରୋହ, ପାର୍ଟି ପିକ୍‌ନିକର ଆୟୋଜନ, ମନୋରଞ୍ଜନର ମଉକା, କରଜଦାତାଙ୍କ ଚାପ ।

**ମିଥୁନ**: ନୂତନ କର୍ମାରମ୍ଭ, ପ୍ରଶାସନିକ ସାହାଯ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ପ୍ରିୟଜନଙ୍କ ସାନ୍ନିଧ୍ୟ, ପୁରାତନ ନିର୍ମାଣାଧୀନ କାର୍ଯ୍ୟରେ ବିଳମ୍ବ, ବିଦେଶଯାତ୍ରାର ଯୋଜନା, ସାମ୍ବାଦିକତାରେ ଗୌରବ।

**କର୍କଟ**: ମାନସିକ ଦୁଶ୍ଚିନ୍ତା, ଭ୍ରାତୃସମ୍ପର୍କରେ ନ୍ୟୁନତା, ରକ୍ତଚାପ ବୃଦ୍ଧି, ରଚନାତ୍ମକ କାମରୁ ପ୍ରଶଂସା, ସନ୍ତାନହେତୁକ ଗୌରବ, ସ୍ଥଗିତ କାର୍ଯ୍ୟାରମ୍ଭ, ଦୂରସ୍ଥାନକୁ ଯାତ୍ରା, ଅର୍ଥ ସଙ୍କଟ, ଅପ୍ରିୟ ସତ୍ୟରୁ କଳହ।

**ସିଂହ**: ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ନୂତନ ବନ୍ଧୁ ସମ୍ପର୍କ, ବଣଭୋଜିର ଯୋଜନା, କଳାସାହିତ୍ୟରୁ ପ୍ରଶଂସା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ସହକର୍ମୀଙ୍କ ଭୁଲ୍ ବୁଝାମଣା, ଚଢାସୁଧରେ କରଜ।

**କନ୍ୟା**: ସରଳ ଜୀବନଚର୍ଯ୍ୟା, ଅନୁକୂଳ ପରିବେଶ, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ, ଆଇନ ଅଦାଲତରେ ସଫଳତା, ମୂଲ୍ୟବାନ୍ କ୍ରୟ, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ କଳହ।

**ତୁଳା**: ପ୍ରତିବନ୍ଧକ ଦୂରହେବ, ନୂତନ ପ୍ରକଳ୍ପାରମ୍ଭ, ଗୃହୋପଯୋଗୀ ଭୂମିଲାଭ, ଯାନବାହନ ମରାମତି, ଖଳଲୋକଙ୍କ ଅନୁପ୍ରବେଶ, ବନ୍ଧୁଙ୍କ ପ୍ରେରଣା, ମନୋରଞ୍ଜନ କାର୍ଯ୍ୟକ୍ରମ, ଶେୟାର ବଜାରରେ ଉନ୍ନତି।

**ବିଛା**: ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଆର୍ଥିକ ଅଭିବୃଦ୍ଧି, ପଡୋଶୀଙ୍କ ପ୍ରତାରଣା, ମାନସିକ ଅସ୍ଥିରତା, ସନ୍ତାନଙ୍କ ଅଭିମାନ, ବନ୍ଧୁ ବିଚ୍ଛେଦର ଦୁଶ୍ଚିନ୍ତା, ପଦମର୍ଯ୍ୟାଦା ବୃଦ୍ଧି, ରାଜନୈତିକ ପୃଷ୍ଠପୋଷକତା, ଦୂରଯାତ୍ରାର ଯୋଜନା।

**ଧନୁ**: ପାରିବାରିକ ସହମତି, ସ୍ଥଗିତ କାର୍ଯ୍ୟାରମ୍ଭ, ଆତ୍ମୀୟଙ୍କ ସାହାଯ୍ୟ, ଋଣ ପରିଶୋଧ, ବ୍ୟବସାୟିକ ସଫଳତା, ପୈତୃକ ସମ୍ପତ୍ତିକୁ ନେଇ ବିବାଦ, ପ୍ରତିଯୋଗିତାରେ ସଫଳତା, ଚଳଚ୍ଚିତ୍ରରେ ବିବାଦ।

**ମକର**: ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ମିତ୍ରତାରୁ ଆନନ୍ଦ, ନୂତନ ନିଯୁକ୍ତିର ସୂଚନା, ସାହିତ୍ୟ ଚର୍ଚ୍ଚା, ଗବେଷଣାରେ ସଫଳତା, ବିବାଦର ସମାଧାନ, ସହକର୍ମୀଙ୍କ ସନ୍ଦେହଜନକ କାର୍ଯ୍ୟ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ।

**କୁମ୍ଭ**: ଦାମ୍ପତ୍ୟଜୀବନରେ ସନ୍ଦେହ, କର୍ମକ୍ଷେତ୍ରରେ ନୂତନ ଯୋଜନା, ରାଜନୈତିକ କ୍ଷେତ୍ରରେ ବୁଝାମଣା, ସତ୍‌ସଙ୍ଗର ସୁଯୋଗ, ସାମାଜିକସ୍ତରରେ ସମସ୍ୟା, ଆତ୍ମୀୟ ସ୍ୱଜନଙ୍କ ଶତ୍ରୁତା, କରଜଦାତାଙ୍କ ଚାପ।

**ମୀନ**: ଲୋକସମ୍ପର୍କ ବୃଦ୍ଧି, ଅନୁସନ୍ଧାନରେ ଅଗ୍ରଗତି, ଯୋଗସାଧନାରେ ଆଗ୍ରହ ପକ୍ଷପାତିତାରୁ କଳହ, ସହକର୍ମୀଙ୍କ ଦୋଷାରୋପ, ବିଳାସ ଉପକରଣ କ୍ରୟ, କଚେରି ମାମଲାର ଫଇସଲା, ପ୍ରତିଯୋଗିତାରେ ସଫଳତା, ସମ୍ପର୍କୀୟଙ୍କ ଆଦର ଅଭ୍ୟର୍ଥନା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁକମ୍ପା।

# ବୃହତ୍ ବାଉଁଶ ପ୍ରତିମୂର୍ତ୍ତି

ପଥର, ମାର୍ବଲ, ମାଟି ଇତ୍ୟାଦିରେ ପ୍ରତିମୂର୍ତ୍ତି ତ ଦେଖିଥିବେ । କିନ୍ତୁ ଏଠାରେ ଯେଉଁ ପ୍ରତିମୂର୍ତ୍ତି ବିଷୟରେ କହୁଛୁ ସେ ହେଉଛି ପୃଥିବୀର ସର୍ବବୃହତ୍ ବାଉଁଶ ପ୍ରତିମୂର୍ତ୍ତି ବା ସ୍ଥାପତ୍ୟ । ଏହା ଫିଲିଫାଇନ୍ସର ବାୟାମବାଙ୍ଗ୍ ସହରରେ ରହିଛି । ଏହା ହେଉଛି କ୍ୟାଥୋଲିକ୍ ସନ୍ଥ ସେଣ୍ଟ ଭିନ୍‌ସେନଣ୍ଟ ଫେରର୍‌ଙ୍କ ପ୍ରତିମୂର୍ତ୍ତି । ଯାହାର ଉଚ୍ଚତା ହେଉଛି ୫୦.୨୩ ମିଟର (୧୬୪ ଫିଟ୍ ୯ ଇଞ୍ଚ) । ଏହି ପ୍ରତିମୂର୍ତ୍ତି କୁ କାସାମା କିଟା ସା ବାରାଙ୍ଗେ ଫାଉଣ୍ଡେସନ୍ କର୍ପୋରେଶନ ତରଫରୁ ନିର୍ମାଣ କରାଯାଇଛି। ସମ୍ପୂର୍ଣ୍ଣ ମୂର୍ତ୍ତି ନିର୍ମାଣ ପାଇଁ ୬୦ଟନ୍ ବାଉଁଶ ଓ ୨୨, ୬୨୬ଟି ବାଉଁଶ ପାତିଆ ବ୍ୟବହୃତ ହୋଇଛି। ଏହାକୁ ତିଆରି କରିବା ପାଇଁ ଦେଢ ବର୍ଷ ସମୟ ଲାଗିଥିଲା । ୧୩ମଇ ୨୦୧୯ ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ମୂର୍ତ୍ତିରେ ସନ୍ଥ ଭିନ୍‌ସେଣ୍ଟ ତାଙ୍କ ହାତ ପ୍ରସାରିତ କରି ଆଙ୍ଗୁଠି ନିର୍ଦ୍ଦେଶ କରୁଥିବା ଦେଖିବାକୁ ମିଳିଥାଏ।



# ପାଠକୀୟ

ଭଲପାଇବା ଦେଖେନି ଜାତି, ଜାତକ କି ଦେଶ ବିଦେଶ। ସେଇଥିପାଇଁ ତ ଅନେକ ବିଦେଶୀ ଝିଅ ଓଡ଼ିଆ ପୁଅଙ୍କୁ ବାହା ହୋଇଛନ୍ତି, ପୁଣି ଓଡ଼ିଆ ସଂସ୍କୃତିକୁ ଆପଣେଇ ହୋଇପାରିଛନ୍ତି ପୂରା ଓଡ଼ିଆଣୀ। ସେମିତି କେତେଜଣ ବିଦେଶୀ ଝିଅରୁ ଓଡ଼ିଆ ବୋହୂ ସାଜିଥିବା ଲଳନାଙ୍କର ଜୀବନୀ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବୋହୂ ବିଦେଶିନୀ ମନ ଓଡ଼ିଆ'ଟି ଖୁବ୍ ମନଛୁଆଁ ହୋଇପାରିଥିଲା। ସେହିପରି 'ମହୁମାଛିଙ୍କ ରେଷ୍ଟୁରାଣ୍ଟ'ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ଦମୟନ୍ତୀ ରାଉଳ, ଆଳି, କେନ୍ଦ୍ରାପଡ଼ା*

ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବୋହୂ ବିଦେଶିନୀ ମନ ଓଡ଼ିଆ'ଟି ବେଶ୍ ହୃଦୟସ୍ପର୍ଶୀ ତଥା ଶିକ୍ଷଣୀୟ ବିଷୟ ଥିଲା। 'ବଡ଼ଦିନ ନିଆରା ପାଳନ' ପାଠଟିରୁ ଅଜବ ଅଜବ ଖ୍ରୀଷ୍ଟମାସ ସେଲିବ୍ରେଶନ୍ ସମ୍ପର୍କରେ ଜାଣି ଖୁସି ଲାଗିଲା। ସେହିପରି ଶିକ୍ଷାବିତ୍, କବି, ଗାଳ୍ପିକ, ପ୍ରାବନ୍ଧିକ ତଥା ନାଟ୍ୟକାର ଡ. ତ୍ରିନାଥ ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ଖୁବ୍ ଛୁଇଁଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ହଜମ' ନାମକ ଗପଟିର ଉପସ୍ଥାପନା ଶୈଳୀ ବି ବେଶ୍ ଉଚ୍ଚକୋଟୀର ହୋଇଥିଲା। *–ରାକେଶ ପ୍ରଧାନ, ଜଗତ୍‌ସିଂହପୁର*

ସାଥୀର ଉତ୍ତରଗୁଡ଼ିକ ଖୁବ୍ ରୋମାଣ୍ଟିକ୍ ହେଉଥିବାରୁ ଖୁସି ଲାଗୁଛି। ସେହିପରି ସିନେମା ପୃଷ୍ଠାରୁ 'ଶ୍ରଦ୍ଧା କପୁର କ'ଣ ପାଠ ପଢାଇବେ', 'କଷ୍ଟ୍ୟୁମ୍‌କୁ ନେଇ କ୍ୟାଟ୍ରିନା କୈଫ୍ କି ଡ୍ରାମା କରିଥିଲେ' ଏବଂ 'ଆର୍. ମାଧବନ୍ କେମିତି ହଟ୍ ସିଟ୍‌ରେ ବସିଲେ' ତାହା ଜାଣିବାକୁ ମିଳିଲା। ଅନ୍ୟପକ୍ଷେ ବର୍ଷପୂରାଣିକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଛୁଟିଦିନର 'ସ୍ମୃତିରେ ୨୦୨୦' ପୃଷ୍ଠାଟି ଖୁବ ଆକର୍ଷଣୀୟ ହୋଇଥିଲା। *–ସୁଇଟି ପ୍ରିୟଦର୍ଶିନୀ, ସମ୍ବଲପୁର*

ମଡେଲ୍ ମିରର୍‌ରେ 'ପ୍ରିୟା' ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ବହୁତ ମଜାଦାର୍ ଥିଲା। ଅନ୍ୟପକ୍ଷେ ସହର ପୃଷ୍ଠାରୁ ଖ୍ରୀଷ୍ଟମାସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲି ଯାଇହେବ ତାହା ଜାଣିବାକୁ ମିଳିଲା। କେରଳରେ 'କୁନି ହାତୀର ଜନ୍ମଦିନ' କେମିତି ଧୁମ୍‌ଧାମ୍‌ରେ ପାଳନ କରାଗଲା ତାହା ଜାଣି ଖୁସି ଲାଗିଲା।

*–ଦୁର୍ଯ୍ୟୋଧନ ସ୍ୱାଇଁ, ଭବାନୀପାଟଣା*

ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ସଦରର ରାଧାବଲ୍ଲଭ ସାହିରେ ଚାଲିଥିବା ସଂଗ୍ରହାଳୟ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭାରତର ସବୁଠୁ ବଡ଼ 'କ୍ରିସ୍‌ମାସ୍ ଟ୍ରି', '୯୦ ଟଙ୍କାରେ କିଣିବେ ଘର' ଆଦି ପାଠଗୁଡ଼ିକ ଖୁବ୍ ତଥ୍ୟପୂର୍ଣ୍ଣ ଥିଲା।

*–ଦୁର୍ଗାଚରଣ ପଟ୍ଟନାୟକ, ନିମାପଡ଼ା, ପୁରୀ*

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ
ଆସେ ରବିବାର ଦିନ।
ଆଣେ ଭଲ ଲେଖାମାନ
ମୋହେ ପାଠକଙ୍କ ମନ।
ଦିଶେ କେଡ଼େ ସୁଶୋଭନ
ପ୍ରତିଟି ପୃଷ୍ଠା ରଙ୍ଗିନ।
ସାହା ହୁଅ ଭଗବାନ
ହେଉ ତା'ର ଉନ୍ନୟନ।

*–ଡ. ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*


ଧରିତ୍ରୀ ଛୁଟିଦିନ


ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପର୍ଯ୍ୟଟନର ଗାଁ











ଓଡ଼ିଶାରେ ରହିଛି ବିଭିନ୍ନ ପର୍ଯ୍ୟଟନସ୍ଥଳୀ। ପୁଣି ଏମିତି କେତେକ ପର୍ଯ୍ୟଟନ ସ୍ଥାନ ରହିଛି ଯାହା ଅନେକଙ୍କ ପାଇଁ ଅଜଣା ହୋଇପାରେ । ଏହାକୁ ଗ୍ରାମ୍ୟ ପର୍ଯ୍ୟଟନ କୁହାଯାଇପାରେ ।ଏପରି ସ୍ଥାନକୁ କେମିତି ଯିବା, କ'ଣ ଦେଖିବା, ଖାଦ୍ୟ ଓ ରହଣିର ସୁବ୍ୟବସ୍ଥା କିପରି ଇତ୍ୟାଦି ଜାଣିବାକୁ ମନରେ ଆଗ୍ରହ ସୃଷ୍ଟି ହୋଇଥାଏ। ତେବେ ଅତିଥିମାନେ ବୁଲିଆସୁଥିବା ପର୍ଯ୍ୟଟନ ସ୍ଥାନର ପ୍ରାକୃତିକ ଶୋଭାକୁ ଉପଭୋଗ କରିବା ସହିତ ସେହି ଅଞ୍ଚଳର କଳା, ସଂସ୍କୃତି, ଭାଷା ଓ ଚଳଣି ବିଷୟରେ ଅନେକ କିଛି ଜାଣିବାର ସୁଯୋଗ ପାଇଥାନ୍ତି। କିନ୍ତୁ ଗ୍ରାମ୍ୟ ପର୍ଯ୍ୟଟନରେ ରହିଛି ନିଆରା ଆକର୍ଷଣ, ଯାହାକି ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରିଥାଏ । ଓଡ଼ିଶାରେ ଥିବା ସେପରି କେତେକ ପର୍ଯ୍ୟଟନ ସ୍ଥାନ ସମ୍ପର୍କରେ ।

**ସୌନ୍ଦର୍ଯ୍ୟକରଣ ଦେଲା ଗାଁର ନିଆରା ପରିଚୟ:**– ଭୁବନେଶ୍ୱରରୁ କଣ୍ଟିଲୋ ରାସ୍ତାରେ ଭାୟା ଗଣିଆ ଦେଇ ପ୍ରାୟ୧୧୮କିମି ଦୂରରେ ପଡ଼େ ସାତକୋଶିଆ ସ୍ୟାଣ୍ଡ ରିସର୍ଟ, ଇକୋ ଭିଲେଜ ମୁଦୁଲିଗାଡ଼ିଆ। ଏଠାର ପର୍ଯ୍ୟଟନ ପାଇଁ କାର୍ଯ୍ୟ କରୁଥିବା ପରିବେଶ ବିକାଶ ସମିତିର ସଭ୍ୟା/ସଭ୍ୟମାନେ ନିଜ ନିଜ ମଧ୍ୟରେ ଦାୟିତ୍ୱ ବଣ୍ଟନ କରି ପ୍ରତିଦିନ ପ୍ରାୟ ସକାଳୁ ସକାଳୁ ଗାଁକୁ ସଫାସୁତୁରା ରଖିଥାନ୍ତି। ପ୍ରତି କଟେଜରେ ୨ଜଣ ଲେଖାଏ, ଡାଇନିଂରେ ଜଣେ, ଇକୋଗାଇଡରେ ଜଣେ ଏବଂ ଗ୍ରୁପ ଭିଜନରେ ୩ଜଣ ସଭ୍ୟ ରୁହନ୍ତି। ପ୍ରକାଶ ବେହେରା କୁହନ୍ତି, 'ଏଠାକୁ ଆଗମନ କରୁଥିବା ଅତିଥିମାନଙ୍କୁ ପ୍ରବେଶ ଗେଟ୍‌ରେ ସଭ୍ୟାସଭ୍ୟଙ୍କ ଦ୍ୱାରା ପ୍ରଥମେ ଫୁଲଚନ୍ଦନ ପ୍ରଦାନ ସହ ଉତ୍ତମ ବ୍ୟବହାର ଓ ସେବା କରାଯାଇଥାଏ। ଗାଁର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ଗ୍ରାମକୁ ସୌନ୍ଦର୍ଯ୍ୟକରଣ ପାଇଁ ଗଛମୂଳେ ସିମେଣ୍ଟର ପିଣ୍ଡି ତିଆରି ହୋଇଛି। ଗଛରେ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକର ବ୍ୟବହାର କରାଯାଇଥାଏ। ଗାଁର ପ୍ରାୟ ସମସ୍ତଙ୍କ ଘରକୁ ଗୋଟିଏ ରଙ୍ଗରେ ସଜାଇଥାନ୍ତି। ଏଥିସହ ଓଡ଼ିଆ ଘରର ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରତିଟି ଘରେ ଝୋଟି, ବିଭିନ୍ନ କଳାକୃତିକୁ ଚିତ୍ରଣ କରାଯାଇଥାଏ। ଅଳିଆ ଆବର୍ଜନାକୁ ଦୂରେଇ ରଖିବା ପାଇଁ ପ୍ରତି ପରିବାରରେ ଡଷ୍ଟବିନ, ପାଇଖାନା ବ୍ୟବହାର ସହିତ ବାହ୍ୟ ମଳମୂତ୍ରକୁ ବାରଣ କରାଯାଇଥାଏ । ରୋଷେଇ ପାଇଁ ଗ୍ୟାସ ଓ ପାନୀୟଜଳର ସୁବ୍ୟବସ୍ଥା କରାଯାଇଥାଏ। ଗ୍ରାମର ଅନତୀ ଦୂରରେ ରହିଛି ସାତକୋଶିଆ ବଡ଼ମୂଳ ସ୍ୟାଣ୍ଡ ରିସର୍ଟ। ନିକଟରେ ଥିବା ସାତକୋଶିଆ ଗଣ୍ଡରେ ନୌକାବିହାର, ସୁରକ୍ଷିତ ସନ୍ତରଣ, ସନ୍ଧ୍ୟାରେ ଲୋକନୃତ୍ୟ, ଖେଳ, ଲାଇବ୍ରେରି, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାମ୍ପ ପାୟାର, ଦେଶୀ ସ୍ୱାଦିଷ୍ଟ ଖାଦ୍ୟ ବ୍ୟବସ୍ଥା ହୋଇଥାଏ। ଆଗରୁ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲେ, ଏବେ ଏହାର ସୁରକ୍ଷା କରି ପରିବେଶ ପର୍ଯ୍ୟଟନ ଦ୍ୱାରା ଚଳୁଛନ୍ତି। ଅତିଥି ପର୍ଯ୍ୟଟକମାନଙ୍କୁ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟରେ ଆକୃଷ୍ଟ କରିବା ସହିତ ହସ୍ତଶିଳ୍ପର କଳାକୃତିକୁ ବିକ୍ରିକରି ଅନେକ ରୋଜଗାରର ପନ୍ଥା ଆପଣେଇଥାନ୍ତି। ଅନ୍ୟପକ୍ଷେ ଏଠାକୁ ଆସୁଥିବା ପଯ୍ୟଟକଙ୍କୁ କୋଭିଡ଼ ଗାଇଡ଼ଲାଇନ ମାନିବାକୁ ପଡ଼ିଥାଏ।'

**ପରିବେଶ ସୁରକ୍ଷା ଦେଲା ପର୍ଯ୍ୟଟନର ନାଁ :–** ଅନୁଗୋଳ ଜିଲାର ଟିକରପଡ଼ା – ସାତକୋଶିଆ ଅଭୟାରଣ୍ୟ ୭କୋଶ, ପ୍ରାୟ ୨୧କି.ମି. ଦୂର। ଆଠଗଡ଼ ଦେଇ ଅନୁଗୋଳ ଆସିଲେ ଏଠାରୁ ଟିକରପଡ଼ା ପ୍ରାୟ ୬୫କି.ମି. ଦୂରହେବ । ମହାନଦୀର ଉଭୟ ପାର୍ଶ୍ୱରେ ଥିବା ଛୋଟବଡ଼ ପର୍ବତମାଳା, ବିରଳ ଘଞ୍ଚଜଙ୍ଗଲ, ଜୈବବିବିଧତା, ଝରଣା, ନାଳ, ପାହାଡ଼ ଏବଂ ବିଭିନ୍ନ ଜାତିର ଜୀବଜନ୍ତୁଙ୍କୁ ଦେଖିବାକୁ ମିଳେ। ଏହି ଅଭୟାରଣ୍ୟଟି ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳଭାବେ ସରକାରୀ ମାନ୍ୟତା ପାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସାତକୋଶିଆ ପର୍ଯ୍ୟଟନ ବିକାଶ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଅତିଥିଗୃହର ବ୍ୟବସ୍ଥା ରହିଛି। ଗ୍ରାମବାସୀ ଓ ଜଙ୍ଗଲ ପରିଚାଳନା ନୀତିରେ ଏହାର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରାଯାଉଛି ।ପର୍ଯ୍ୟଟକମାନଙ୍କ ପାଇଁ ଦେଶୀଘର, ବାଉଁଶଘର, ତମ୍ବୁଘର ରହିଛି, ପୁରୁଣାକୋଟ୍‌ର ଛୁଟକେଇ ନେଚର କ୍ୟାମ୍ପରେ ଟେଣ୍ଟଘର, କଟେଜ ରହିଛି। ପର୍ଯ୍ୟଟକଙ୍କୁ ରହିବା ପାଇଁ ଦେୟ ଦେବାକୁ ପଡ଼ିଥାଏ । ଜଗନ୍ନାଥପୁର ତରଭାଠାରେ ମଧ୍ୟ କେତୋଟି ଗୃହ ରହିଛି। ଏଥିସହିତ ସ୍ୱତନ୍ତ୍ର ଘର ପାଇଁ ସ୍ୱତନ୍ତ୍ର ଦେୟ ଦେବାକୁ ପଡ଼େ। କୋଠଭୂଇଁ ପଞ୍ଚାୟତର ବାଘମୁଣ୍ଡା, ନରସିଂହପୁରର କମଳାଡିହଠାରେ ନେଚରକ୍ୟାମ୍ପ ଗୃହ ରହିଛି । ଏହି ଅଞ୍ଚଳର ଆଦିବାସୀ ଗାଁ ବା ପଡ଼ାର ବାସିନ୍ଦାଙ୍କ ପାରମ୍ପରିକ ନୃତ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ସାତକୋଶିଆରେ ପର୍ଯ୍ୟଟକଙ୍କୁ ବୁଲେଇବା ଏବଂ ସେହି ସ୍ଥାନ ସମ୍ପର୍କରେ ବିଭିନ୍ନ ଜଣାଅଜଣା କଥା ଜଣାଇବା ପାଇଁ ଗାଇଡ୍ ରହିଛନ୍ତି, ଯାହା କି ସ୍ଥାନୀୟବାସୀଙ୍କୁ ଏଥିରେ ସାମିଲ କରାଯାଇଥାଏ ।

**ଶିଳ୍ପୀ ଗ୍ରାମରେ ପର୍ଯ୍ୟଟକଙ୍କ ଭ୍ରମଣ :–** ବିଭିନ୍ନ ପାରମ୍ପରିକ ଚିତ୍ର ଅଙ୍କନ କରି ଓଡ଼ିଶା କଳାସଂସ୍କୃତିକୁ ସମୃଦ୍ଧ କରିବାରେ ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁର ଶିଳ୍ପୀମାନଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। । ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଚିତ୍ରକୁ ତାଳପତ୍ରରେ ଲିଖନ ଦ୍ୱାରା ଖୋଦେଇକରି ଦେଶୀୟ ପଦ୍ଧତିରେ ରଙ୍ଗଦେଇ ଅଙ୍କନ କରିଥାନ୍ତି। ଏହି ଅଞ୍ଚଳର ଜାତୀୟସ୍ତରୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଖୋଦେଇ ଚିତ୍ରଶିଳ୍ପୀ ବିଶ୍ୱନାଥ ସ୍ୱାଇଁ କୁହନ୍ତି, ଆଜକୁ ପ୍ରାୟ୧୯୮୫ମସିହାରୁ ଏହି କାମ କରିଆସୁଛି। ଏଥିରେ ମୋ ପରିବାରର ଅନ୍ୟମାନେ ମଧ୍ୟ ସାମିଲ ଅଛନ୍ତି। ଏହା ବ୍ୟତୀତ କେତେକ ପୁଅଝିଅ ମଧ୍ୟ ତାଳପତ୍ର ଖୋଦେଇ ଚିତ୍ର ଶିକ୍ଷାର ତାଲିମ ନେଉଛନ୍ତି। ଗାଁରେ କେତେକ ଶିଳ୍ପୀ ନିଜର ଜୀବିକାଭାବେ ଏହି କାର୍ଯ୍ୟ କରୁଛନ୍ତି। ପ୍ରାୟ ଗୋଟିଏ ଗୋଟିଏ ତାଳପତ୍ର ଚିତ୍ରର ମୂଲ୍ୟ →











୨ଶହ ଟଙ୍କାରୁ ଆରମ୍ଭକରି ୨୦ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇଥାଏ। ତାଳପତ୍ର ଚିତ୍ରକୁ ବିକ୍ରି ପାଇଁ ରଘୁରାଜପୁର ସମେତ ବିଭିନ୍ନ ହସ୍ତଚିତ୍ର ଶିଳ୍ପ ମେଳାକୁ ନିଆଯାଇଥାଏ। ଏପରି କି ଦିଲ୍ଲୀ, ବମ୍ବେ, ପୁରୀ, ଭୁବନେଶ୍ୱର ଆଦି ସ୍ଥାନରେ ବିକ୍ରି ହୋଇଥାଏ। ଏହି ପରମ୍ପରାକୁ ବଞ୍ଚେଇବାର ପ୍ରୟାସ ଚାଲୁ ରଖିଛୁ। ଏଥିଯୋଗୁ ରଘୁରାଜପୁରକୁ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିଛି। ମାତ୍ର ବିଭିନ୍ନ ସମୟରେ ଏଠାକୁ ଆସୁଥିବା ପଯ୍ୟଟକମାନେ ତାଳପତ୍ରରେ ତିଆରି କଳାକୃତି କିଣିଥାନ୍ତି। ତେବେ ଭଗବାନ ସ୍ୱାଇଁ କୁହନ୍ତି, ସାମ୍ପ୍ରତିକ ପରିସ୍ଥିତିରେ କୋଭିଡ଼ ଗାଇଡ଼ଲାଇନ ଅନୁସାରେସ୍ ଅତିଥି ଏବଂ ଶିଳ୍ପୀମାନେ ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତାକୁ ମାନି ଗାଁରେ ଚଳୁଛୁ।

**ବିହଙ୍ଗ ସୁରକ୍ଷାରୁ ପର୍ଯ୍ୟଟନ କ୍ଷେତ୍ର:**–ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ଚିଲିକା ଉପକୂଳବର୍ତ୍ତୀ ମଙ୍ଗଳାଯୋଡ଼ି ଗାଁର ଚିଲିକାରେ ପକ୍ଷୀସୁରକ୍ଷା ହେବାରୁ ଏହି ଅଞ୍ଚଳର ଶୋଭା ବଢ଼ିଲା। ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ପାଇଁ ଅନ୍ୟଦିନ ଅପେକ୍ଷା ବିଶେଷକରି ଶୀତଋତୁରେ ପର୍ଯ୍ୟଟକମାନଙ୍କ ଭିଡ଼ ଜମିଥାଏ। ଜୟ ବାରିକ କୁହନ୍ତି, ଏଠାରେ ପର୍ଯ୍ୟଟକମାନେ ବିଶ୍ରାମ ନେବା ପାଇଁ ଗ୍ରାମୀଣ ଶୈଳୀରେ କେତୋଟି ଗୃହ ନିର୍ମାଣ ହୋଇଛି। ପର୍ଯ୍ୟଟକମାନଙ୍କ ରାତି ଏବଂ ଦିନରେ ରହିବା ପାଇଁ ବ୍ୟବସ୍ଥା ହୋଇଥାଏ। ଯାତ୍ରୀଙ୍କ ରୁଚି ଅନୁଯାୟୀ ଆମିଷ ଖାଦ୍ୟ ଓ ଅଲଗା ଜଳପାନ ଖର୍ଚ୍ଚ ଦେବାକୁ ପଡ଼ିଥାଏ। ଦେଶୀଢଙ୍ଗାରେ ମଙ୍ଗଳାଯୋଡ଼ି ବିହଙ୍ଗ ବିହାରରେ ପରିଦର୍ଶନ କରିପାରିବେ। ଶଶାଙ୍କ ଶେଖର ଦାଶ କୁହନ୍ତି ମଙ୍ଗଳାଯୋଡ଼ିର ବିହଙ୍ଗବିହାର ପର୍ଯ୍ୟଟନ ପାଇଁ ଏହି ଗ୍ରାମର ଅନେକ ପରିବାର ଚଳୁଛନ୍ତି। ବୋଟ୍, ଗାଇଡ୍, ବୋଟ୍‌ମ୍ୟାନ ବ୍ୟବସ୍ଥା ରହିଛି ଏବଂ ଡଙ୍ଗାରେ ଦୂରତାରଖି ମାତ୍ର ୩ଜଣଙ୍କୁ ନେଇ ବୁଲାଇଥାଉ। ଟାଙ୍ଗି ବନ୍ୟାଞ୍ଚଳ ଅଧିକାରୀ ଚୂଡ଼ାରାଣୀ ମୁର୍ମୁ କୁହନ୍ତି, ୧୯୯୬ ମସିହାଠାରୁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ପକ୍ଷୀସୁରକ୍ଷା ଲୋକଙ୍କୁ ରୋଜଗାର ଦେଉଛି। ଚିଲିକା ୱାଇଲ୍ଡ ଲାଇଫ ଡିଭିଜନ ତରଫରୁ ପକ୍ଷୀସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ସିଡିଏ ତରଫରୁ ବିଭିନ୍ନ ଜନସଚେତନତା କରାଯାଇଥାଏ। ମଙ୍ଗଳାଯୋଡ଼ିକୁ ରେଳରେ ଆସିଲେ ବାଲୁଗାଁ, କାଳୁପଡ଼ାଘାଟ କିମ୍ବା ଖୋର୍ଦ୍ଧାରେ ଓହ୍ଲାଇ ଟ୍ୟାକ୍ସି ଯୋଗେ ଆସିପାରିବେ। ସେହିପରି ବସ୍‌ରେ ଆସିଲେ ଟାଙ୍ଗୀରେ ଓହ୍ଲାଇ ଅଟୋରେ ଆସିପାରିବେ। ଏଠାକୁ ଆସୁଥିବା ଅତିଥି ପର୍ଯ୍ୟଟକଙ୍କ ପରିଚୟ ଓ ଠିକଣାକୁ ଏକ ସୂଚନାଫର୍ମରେ ଲିପିବଦ୍ଧ କରାଯାଇଥାଏ । ଅତିଥିକୋଠରି ଭିତର ଓ ବାହାରକୁ ସାନିଟାଇଜ୍ କରାଯାଇଥାଏ। ଅନ୍ୟପକ୍ଷେ କୋଭିଡ଼ ଗାଇଡ଼ଲାଇନ ଅନୁସାରେ ସ୍ୱଚ୍ଛତା, ମାସ୍କ, ସାନିଟାଇଜର ବ୍ୟବହାର ଇତ୍ୟାଦିକୁ ନଜର ଦେଇଥାଉ। ଗାଁରେ ଇକୋ ଟୁରିଜମ କମିଟି ଜରିଆରେ ଜନସଚେତନତା କରାଯାଇଥାଏ।

**ଗାଁ ଲୋକଙ୍କୁ ନେଇ ଇକୋ ରିଟ୍ରିଟ୍:** – ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗ ତରଫରୁ ୨୦୨୦ରେ ସ୍ୱତନ୍ତ୍ରଭାବେ କୋଣାର୍କର ରାମଚଣ୍ଡୀ ସି ବିଚ୍, ଭିତରକନିକା, ଦାରିଙ୍ଗବାଡ଼ି, ସାତକୋଶିଆ ଏବଂ ହୀରାକୁଦକୁ ଇକୋରିଟ୍ରିକ ଭାବେ କାର୍ଯ୍ୟ କରିଛନ୍ତି। ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଲକ୍‌ଜ୍ୟୁରି କଟେଜ୍, ଆରାମଦାୟକ ରହଣି, ଦେଶୀ ସ୍ୱାଦିଷ୍ଟ ଖାଦ୍ୟ, ଓଡ଼ିଶାର କଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଆଦି ନିକଟରୁ ଜାଣିବାର ସୁଯୋଗ ରହିଛି। ଏହାସହ ଟ୍ରେକିଙ୍ଗ, ଜଙ୍ଗଲ ସଫାରି, ସ୍କିଡବୋଟ, ଜେଟ୍‌ସ୍କି, ଇ–ସାଇକେଲିଂ, ଭାସମାନ ଫ୍ଲାଟଫର୍ମରେ ବୁଲିବାର ମଜା ନେଇପାରିବେ। ଚଳିତ ବର୍ଷରେ ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ମାସ ଯାଏ ଚାଲିବ। ଭୁବନେଶ୍ୱର ପର୍ଯ୍ୟଟନ ବିଭାଗ ଅଧିକାରୀ ଅଜୟ କୁମାର ରାଉତ କୁହନ୍ତି, ଏମିତି ସ୍ଥାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କୋଭିଡ଼ ଗାଇଡ଼ଲାଇନ ମାନି ମାସ୍କ ବ୍ୟବହାର, ସ୍ୱଚ୍ଛତା, ହ୍ୟାଣ୍ଡୱାଶ ଇତ୍ୟାଦି ବ୍ୟବହାର କରିବାକୁ ପଡ଼ିଥାଏ। ଅନ୍ୟପକ୍ଷେ ଏମିତି ପରିସ୍ଥିତିରେ ବଣଭୋଜି ପାଇଁ ବାରଣ କରାଯାଇଛି।

**'ଶରଣା' ଗ୍ରାମ୍ୟ ପର୍ଯ୍ୟଟନର ଭିନ୍ନ ପ୍ରୟାସ–** ଓଡ଼ିଶାର ଗ୍ରାମ୍ୟକଳା, ସଂସ୍କୃତି ଏବଂ ଆଦିବାସୀଙ୍କ ଚଳଣି ସମ୍ପର୍କରେ ଜାଣିବା ସହିତ ଲୋକଲୋଚନ ଆଢୁଆଳରେ ଥିବା କେତେକ ନୂତନ ପର୍ଯ୍ୟଟନ ସ୍ଥାନକୁ ଚିହ୍ନିବା ପାଇଁ 'ଶରଣା' ନାଁରେ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ ପାଇଁ ପ୍ରୟାସ ଜାରିରଖିଛି। ରୋଜାଲିନ୍ ଦାସ କୁହନ୍ତି, ଏଥିରେ ପ୍ରତ୍ନତତ୍ତ୍ୱବିତ୍ ଜିତୁ ମିଶ୍ର, ଡ. ସୁଶ୍ରୀ ମହାନ୍ତି ପ୍ରମୁଖ ପ୍ରଥମେ ଉଦ୍ୟମ କରିଥିଲେ। ତେବେ ଶରଣା–ମୁଣ୍ଡାରି ଭାଷାରେ ଏହାର ଅର୍ଥ ପବିତ୍ର ସ୍ଥାନ। ମାତ୍ର ଭ୍ରମଣ ପାଇଁ ଏହି ଯାତ୍ରାରେ ଯେକୌଣସି ବ୍ୟକ୍ତି ସାମିଲ ହୋଇପାରିବେ। ଛୋଟ ପିଲାଙ୍କ ପାଇଁ କର୍ମଶାଳା, ସ୍ଥାନୀୟ ଲୋକଙ୍କ ଲୋକକଳା, ହସ୍ତଶିଳ୍ପକୁ ନେଇ କାହାଣୀ ଶୁଣିବାର ସୁଯୋଗ ରହିଛି। ଯୁବପିଢ଼ିଙ୍କ ପାଇଁ ନେଚର କ୍ୟାମ୍ପ, ଫଟୋଗ୍ରାଫି, ଆଦିବାସୀଙ୍କ ଜୀବନଶୈଳୀ ଉପରେ ଗବେଷଣା କରିବାର ସୁଯୋଗ ପାଇପାରିବେ। ଲୋକଙ୍କ କୌଳିକବୃତ୍ତି ଓ ସେଠାର ପରିବେଶ ସମ୍ପର୍କରେ ଜାଣିହେବ। ଏପରି ପର୍ଯ୍ୟଟନରେ ଶିକ୍ଷା, ସ୍ୱାସ୍ଥ୍ୟ, ପାରମ୍ପରିକ କଳା, ସାମଗ୍ରୀ, ନୃତ୍ୟ, କ୍ରୀଡ଼ା ଓ ଜୀବିକା ଉପାର୍ଜନର ପନ୍ଥା ମିଳିପାରେ। କନ୍ଧମାଳର ବେଲଘର, ଡୁମୁଡ଼ିବନ୍ଧ ପରି କେତେକ ଗ୍ରାମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଗ୍ରାମୀଣ ପର୍ଯ୍ୟଟନର ଉପକାରିତାକୁ ଜାଣିହେବ। ପାଙ୍ଗା କନ୍ଧ ଓ କୁଟିଆ କନ୍ଧଙ୍କ ଜୀବନଶୈଳୀକୁ ବି ଜାଣିହେବ। ଏମିତି କାର୍ଯ୍ୟକ୍ରମରେ ପର୍ଯ୍ୟଟନର ନିଆରା ଅନୁଭବ କରିହେବ। ଏଥିରୁ ସ୍ଥାନୀୟ ଲୋକମାନେ କିପରି ଲାଭବାନ ହୋଇପାରିବେ। ଏବେ ଗୋଟିଏ ଗାଡ଼ିରେ ମାତ୍ର ୪/୫ଜଣ ପର୍ଯ୍ୟଟକଙ୍କୁ ବୁଲେଇବା ପାଇଁ ପଦକ୍ଷେପ ନେଇଛୁ। ମାଟିଘରେ ରହିବାର ବ୍ୟବସ୍ଥା କରାଯାଇଥାଏ। ମାତ୍ର ଭ୍ରମଣ ପୂର୍ବରୁ ଅତିଥି ପର୍ଯ୍ୟଟକଙ୍କୁ କୋଭିଡ଼ ଗାଇଡ଼ଲାଇନ ଅନୁସାରେ ସ୍ୱାସ୍ଥ୍ୟସୁରକ୍ଷା ପ୍ରତି ନଜର ରଖି ସ୍ୱଚ୍ଛତା, ମାସ୍କ,ସାନଟାଇଜର ବ୍ୟବହାର , ଜନଗହଳିଠାରୁ ଦୂରେଇବା ଇତ୍ୟାଦିକୁ ନଜର ଦେଇଥାଉ।

**ଗାଁ ଲୋକଙ୍କ ବଣଭୋଜି ସ୍ଥାନ**–ଖୋର୍ଦ୍ଧାଜିଲା ଚିଲିକାବ୍ଲକର ଚିଲିକା–ନିମନାନାସି ଏକ ସୁନ୍ଦର ପ୍ରାକୃତିକ ପରିବେଶ। ଏଠାକୁ ପର୍ଯ୍ୟଟକମାନେ ନିଜସ୍ୱ ଉଦ୍ୟମରେ ବଣଭୋଜି ପାଇଁ ଆସିଥାନ୍ତି। ତେବେ ନିକଟରେ ଏକ ସରକାରୀ ନଡ଼ିଆଫାର୍ମ ରହିଛି । ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ମା କାଳିଜାଇଙ୍କ ମନ୍ଦିର ନିର୍ମାଣ ହୋଇଛି। ବିନୋଦ ସାମଲ କୁହନ୍ତି ଏଠାରେ ରାତ୍ର ରହଣିର ସୁବ୍ୟବସ୍ଥା ହୋଇପାରିନାହିଁ। ବର୍ତ୍ତମାନ ବଣଭୋଜି ପାଇଁ କଟକଣା ରହିଛି ।ଆଖପାଖ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକଙ୍କୁ କୋଭିଡ୍ ଗାଇଡ଼ଲାଇନ ମାନିବା ଜରୁରୀ।

**ଆଦିବାସୀଙ୍କ ଗାଁରେ ଦେଶିଆ ପର୍ଯ୍ୟଟନ:**– ପ୍ରାକୃତିକ ପରିବେଶରେ ଆଦିବାସୀଙ୍କ ଜୀବନଶୈଳୀକୁ ଜାଣିବା ଏବଂ ଦେଶୀ ଖାଦ୍ୟପଦାର୍ଥ ପ୍ରତି ମନବଳାଇଲେ ଆପଣଙ୍କୁ କୌଣସି ଆଦିବାସୀ ପଲ୍ଲୀକୁ ଯିବାକୁ ହେବ। ମାତ୍ର କୋରାପୁଟ ଜିଲାର ଡୁଡୁମା ଡ୍ୟାମ୍ ଅଞ୍ଚଳରେ ରହିଛି ବନ୍ତଲବିରି ଗାଁ । ଏଠାରେ ଦେଶିଆ ନାଁରେ ଦାୟିତ୍ୱବୋଧକ ପର୍ଯ୍ୟଟନର ବ୍ୟବସ୍ଥା କରାଯାଇଛି । କୁଶ ମାଛ କୁହନ୍ତି – ସ୍ଥାନୀୟ ଅଞ୍ଚଳର ଆଦିବାସୀ ଓ ହରିଜନ ସମ୍ପ୍ରଦାୟର କେତେଜଣ ଲୋକଙ୍କୁ ନେଇ ଏହା ପରିଚାଳିତ। ଏଠାକୁ କୌଣସି ଅତିଥିଙ୍କ ଆଗମନ ହେଲେ ସମ୍ପୂର୍ଣ୍ଣ ପାରମ୍ପରିକ ପଦ୍ଧତିରେ ପ୍ରଥମେ ମୁଣ୍ଡରେ ଟିକା ଲଗାଇ, ମହୁରି ବଜାଇ ଆତିଥ୍ୟ କରାଯାଇଥାଏ। ପରେ ମାଣ୍ଡିଆ ପିଠା, ଜାଉ, ଲେମ୍ବୁ, ହଳଦୀ ଓ ମହୁର ପଣା ଦିଆଯାଇଥାଏ। ସୁଆଁ ଖିରି, ବାଉଁଶନଳିରେ ଦେଶୀ କୁକୁଡ଼ାମାଂସକୁ ପୋଡ଼ାଯାଇ ପରଷା ଯାଇଥାଏ। ଜଗୁ ଖିଲ କୁହନ୍ତି, ଅତିଥିମାନେ ଆଦିବାସୀଙ୍କ ସାପ୍ତାହିକ ହାଟ, ବିଭିନ୍ନ ହସ୍ତକଳା, ଚାଷ, ମାଛଧରା ସହିତ ସାମିଲ ହୋଇପାରିବେ ଏବଂ ଇଚ୍ଛାକଲେ ସେମାନଙ୍କ ପରିବାରରେ ଭୋଜନ କରିପାରନ୍ତି। ସ୍ଥାନୀୟ ଅଞ୍ଚଳର ମନ୍ଦିର, ପାହାଡ଼କୁ ବୁଲିପାରନ୍ତି। ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ମାଟିର ଘର ହୋଇଛି। ଗ୍ରାମ୍ୟ କଳା, ସଂସ୍କୃତି ଓ ପଲ୍ଲୀପ୍ରକୃତିକୁ ଦେଖିବା ପାଇଁ ବର୍ଷର ସବୁ ସମୟରେ ଏଠାରେ ରହିଛି ଦେଶିଆର ନିଆରା ପର୍ଯ୍ୟଟନ ବିଭବ। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଭ୍ରମଣରେ ଆସୁଥିବା ପଯ୍ୟଟକମାନଙ୍କୁ କୋଭିଡ଼ ଗାଇଡ଼ଲାଇନ ମାନିବାକୁ ପଡ଼ିଥାଏ।

–ବନବିହାରୀ ବେହେରା







# ହେଡ୍‌ବ୍ୟାଣ୍ଡ







**ଋତୁ ଯାହା ହେଉନା କାହିଁକି ଷ୍ଟାଇଲିଶ୍ ଦେଖାଯିବାକୁ ସମସ୍ତେ ଚାହାନ୍ତି। ଆଉ ଶୀତଦିନେ ଷ୍ଟାଇଲିଶ ଲାଗିବା ପାଇଁ ଆଜିକାଲି ବିଭିନ୍ନ ପ୍ରକାର ୱିଣ୍ଟରୱେର ଆସିଲାଣି। ସେଥିମଧ୍ୟରୁ ହେଡ୍‌ବ୍ୟାଣ୍ଡ ଅନ୍ୟତମ। ଏହା ଶୀତ ଦାଉରୁ ରକ୍ଷା କରିବା ସହ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ।**





**ଶୀ**ତଦିନେ ବାହାରକୁ ବାହାରିଲେ ଥଣ୍ଡା ପବନ ଯେବେ କାନରେ ବାଜେ ଦେହ ଶୀତରେ କମ୍ପି ଉଠେ। ସ୍ୱେଟର କି ୱିଣ୍ଟର କୋଟ୍ ପିନ୍ଧିଥିଲେ ବି ତାହା କାମ ଦିଏନା। ହେଲେ ଯଦି ହେଡ୍‌ବ୍ୟାଣ୍ଡ ଲଗାଇଛନ୍ତି ତାହା କାନକୁ ଥଣ୍ଡା ପବନଠାରୁ ସୁରକ୍ଷା ତ ଦିଏ, ତା' ସହ ଲୁକ୍ ଟ୍ରେଣ୍ଡି ଲାଗେ। ଆଜିକାଲି ବିଭିନ୍ନ ଡିଜାଇନ୍‌ର ହେଡ୍‌ବ୍ୟାଣ୍ଡ ମିଳୁଛି। ଏହାକୁ ପିନ୍ଧି ସକାଳେ ମର୍ନିଂ ୱାକ୍ ହେଉ କି ସାଇକେଲିଂ ପାଇଁ ଗଲେ ଶୀତର ପ୍ରକୋପରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଲାଗିବେ। ତେବେ ଏହାକୁ କିଭଳି ହେୟାର୍ ଷ୍ଟାଇଲରେ ପିନ୍ଧିବେ ଜାଣନ୍ତୁ ସେ ସମ୍ପର୍କରେ..

**କେଶ ଖୋଲା ରଖି–** କେଶ କର୍ଲି ହେଉ କି ଷ୍ଟ୍ରେଟ୍ ତାକୁ ଖୋଲା ଓ ଲୁଜ୍ ରଖନ୍ତୁ। ଆଉ ହେୟାର ବ୍ୟାଣ୍ଡକୁ ଆଖି ଉପରେ କପାଳରେ ରହିବା ଭଳି ଲଗାନ୍ତୁ। ଯଦି ହେଡ୍‌ବ୍ୟାଣ୍ଡ ମଝିରେ ରହୁଥିବା କେଶ ମୁଣ୍ଡରେ ଚାପି ହୋଇ ଲାଖି ରହେ ଓ ଲୁକ୍ ଭଲ ନ ଦେଖାଯାଏ, ତେବେ ସେହି କେଶକୁ ଅଙ୍ଗୁଳି ସାହାଯ୍ୟରେ ଅଳ୍ପ ଅଳ୍ପ ଟେକି ଦିଅନ୍ତୁ। ଦେଖିବେ ଆପଣ ଭଲ ଦେଖାଯିବେ।

**ପିଗ୍‌ଟେଲ୍ ବ୍ରେଡ୍‌ରେ–** ଆପଣ ଚାହିଁଲେ ଦୁଇଟି ପିଗ୍‌ଟେଲ୍ ବ୍ରେଡ୍ ବା ବେଣୀ କରନ୍ତୁ, ଯେମିତିକି ତାହା ମୁଣ୍ଡର ପଛପଟେ ଝୁଲି ରହୁଥିବ। ଆଉ ହେଡ୍‌ବ୍ୟାଣ୍ଡଟି ସାମ୍‌ନାଭାଗରେ କପାଳରେ ରହିବା ସହ ପଛପଟ ମୁଣ୍ଡରେ ବେଣୀ ତଳେ ରହିବା ଭଳି ଲଗାନ୍ତୁ। ଦେଖିବେ ବହୁତ ଷ୍ଟାଇଲିଶ୍ ଲାଗିବେ।

**ହାଇ ପୋନି ଟେଲ୍‌ରେ–** ହାଇ ପୋନି ଟେଲ୍ କରି ହେଡ୍‌ବ୍ୟାଣ୍ଡ ଲଗାଇଲେ କ୍ୟୁଟ୍ ଲୁକ୍ ମିଳେ। ମର୍ନିଂ ୱାକ୍ କିମ୍ବା ସାଇକେଲିଂ କରିବା ସମୟରେ ଏହି ଲୁକ୍ ଟ୍ରାଏ କରନ୍ତୁ, ଦେଖିବେ ସମସ୍ତଙ୍କ ନଜର ଆପଣଙ୍କ ଆଡେ ଯିବ।

**ହାଇ ବନ୍–** ହାଇ ବନ୍ ବା ମୁଣ୍ଡର ଉପରଭାଗରେ ଖୋସା କରି ମଧ୍ୟ ହେଡ୍‌ବ୍ୟାଣ୍ଡ ପିନ୍ଧିପାରିବେ। ବନ୍‌ଟି ବେଶି ଟାଇଟ୍ ନ କରି ଟିକେ ଲୁଜ୍ କରିବେ ଓ କିଛି କେଶ ଝୁଲୁଥିବା ପରି ରଖିଲେ ଲୁକ୍ ଷ୍ଟାଇଲିଶ୍ ଲାଗିବ।

**ହାଫ୍ ଅପ୍ ଷ୍ଟାଇଲ୍–** ମୁଣ୍ଡ ପଛ ଭାଗର କେଶକୁ ଅଧା କରି ଉପର ଭାଗର କେଶରେ ବନ୍ କରନ୍ତୁ। ଆଉ ତଳ ଭାଗର କେଶକୁ ଖୋଲା ରଖନ୍ତୁ। ବନ୍ ଓ ଖୋଲା କେଶର ମଝିଭାଗରେ ବ୍ୟାଣ୍ଡର ପଛଭାଗ ରଖି ହେଡବ୍ୟାଣ୍ଡଟି ପିନ୍ଧନ୍ତୁ। ଏଇ ଲୁକ୍ ବି ବେଶ୍ ଭଲ ଲାଗେ।







# ମହିଳାଙ୍କ ହୋଟେଲ



ବିଭିନ୍ନ ସ୍ଥାନରେ ରହିଛି ନାନାପ୍ରକାରର ଛୋଟବଡ଼ ହୋଟେଲ। ଗରାଖଙ୍କ ରୁଚି ଅନୁସାରେ ହୋଟେଲଗୁଡିକ ଭିନ୍ନଭିନ୍ନ ଖାଦ୍ୟର ବ୍ୟବସ୍ଥା କରିଥାନ୍ତି। କିନ୍ତୁ ଭୁବନେଶ୍ୱରରେ ରହିଛି ଏମିତି ଏକ ହୋଟେଲ ଯାହାକୁ ଗଢିଛନ୍ତି ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଏଠାରୁ ମିଳୁଥିବା ରୋଜଗାରରେ ଏମାନଙ୍କ ପରିବାର ଚଳେଇବାରେ ସହାୟକ ହୋଇପାରୁଛି। ତେବେ ଏମିତି ଏକ ହୋଟେଲକୁ ଯଦି କେବେ ଯିବାକୁ ଚାହିଁବେ ହୁଏତ ଆପଣଙ୍କୁ ବେଶିଦୂର ନୁହେଁ ଭୁବନେଶ୍ୱର ଆଚାର୍ଯ୍ୟବିହାର ଛକରୁ ହିଁ ସାଇନ୍ସପାର୍କ ଆଡ଼କୁ ଆସିବାକୁ ହେବ। ସାଇନ୍ସପାର୍କ ସାମ୍ନା ଗଳିରେ ହୁଏତ ଏକ ବୋର୍ଡ ଉପରେ ନଜର ପଡ଼ିବ, ଯେଉଁଥିରେ ଲେଖା ହୋଇଛି –ଶ୍ରୀଜଗନ୍ନାଥ ମହିଳା ସମିତି। ଏହି ସମିତି ତରଫରୁ ପ୍ରାୟ ୨୦୧୨ମସିହାଠାରୁ ରାସ୍ତାକଡ଼ରେ ମା’ ଭୈରବୀଙ୍କ ନାଁରେ ରହିଛି ଏକ ସାଧାରଣ ଚାଳିଆ ହୋଟେଲ। ଆପଣ କ’ଣ ଖାଇବା ପାଇଁ ଇଚ୍ଛା କରିବେ ହୋଟେଲ ଦାୟିତ୍ୱରେ ଥିବା ସଦସ୍ୟାଙ୍କଠାରୁ ବୁଝିପାରିବେ। ଏଠାରେ ଓଡ଼ିଆ ଘରର ଖାଦ୍ୟ ମିଳେ। ଏହି ହୋଟେଲ ତଥା ମହିଳା ସମିତିର ସଭାପତି ଗୋଲାପ ବୈରୀଗଞ୍ଜନ କୁହନ୍ତି, ନିଜଗାଁ ନୟାଗଡ଼ର ମହୁରୀଆ ଅଞ୍ଚଳରୁ ଆଜକୁ ପ୍ରାୟ ୨୦ବର୍ଷ ତଳୁ ଭୁବନେଶ୍ୱରକୁ ଆସି ସାଇନ୍ସପାର୍କ ବସ୍ତିରେ ରହିଆସୁଛୁ। ସେହିପରି ଆମ ସମିତିରେ ଥିବା ସଦସ୍ୟାମାନଙ୍କ ମଧ୍ୟରେ କେହି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ସମେତ ବିଭିନ୍ନ ଜିଲାରୁ ଆସିଛନ୍ତି। ପରିବାରର ପୁରୁଷମାନଙ୍କ ମଧ୍ୟରେ ଅଧିକାଂଶ ଦିନମଜୁରିଆ। ଦିନସାରା ଖଟିଖଟି ଯାହାକିଛି ରୋଜଗାର ହୁଏ ସେତିକିରେ ଘର ଚଳିବାରେ ଅଭାବ ଦେଖାଦିଏ। ପୁଣି ପିଲାମାନଙ୍କ ଭବିଷ୍ୟତ। ଏମିତିରେ କେହି କେହି ପାନ ଏବଂ ଚା’ ଦୋକାନରୁ କିଛି ରୋଜଗାର କରୁଥିଲେ ମଧ୍ୟ ସେଥିରେ ପରିବାରର ଆବଶ୍ୟକ ଚାହିଦା ମେଣ୍ଟିପାରୁ ନ ଥିଲା। ଅଧିକାଂଶ ସମୟରେ ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏଥିଯୋଗୁ ଆମେ କେତେଜଣ ମହିଳା ଏକାଠି ହୋଇ କିଛି ରୋଜଗାରର ପନ୍ଥା ଚିନ୍ତା କଲୁ। ପ୍ରତି ସଦସ୍ୟା ପ୍ରଥମେ ୫ଶହଟଙ୍କା ଲେଖାଏ ଆଦାୟ କଲୁ। ପରେ ଶ୍ରୀଜଗନ୍ନାଥ ମହିଳା ସମିତି ନାଁରେ ଏକ ସ୍ୱୟଂସହାୟକ ଗୋଷ୍ଠୀ ଗଢ଼ିଲୁ। ଅନ୍ୟଜଣେ ସଦସ୍ୟା ଶକୁନ୍ତଳା ରାଉତ କୁହନ୍ତି, ମହିଳା ସମିତିରୁ ଆରମ୍ଭ ହେଲା ଏହି ହୋଟେଲ। ତେବେ ଏହି ହୋଟେଲ ପଛରେ ନିଆରା କାହାଣୀ ରହିଛି। ଶ୍ରୀଜଗନ୍ନାଥ ମହିଳା ସମିତିରେ ପ୍ରାୟ ୬୭ଜଣ ସଦସ୍ୟା ଅଛନ୍ତି। ପାଳିକରି ସଦସ୍ୟାମାନେ କାର୍ଯ୍ୟ କରିଥାଉ। ବର୍ଷର ସବୁସମୟରେ ସକାଳ ୬ଟାରୁ ରାତି ୧୦ଟାଯାଏ ଏହି ହୋଟେଲ ଖୋଲାରହେ। ଏମିତିରେ କୌଣସି ଜରୁରୀ କାର୍ଯ୍ୟ କିମ୍ବା କିଛି ଘଟଣା ପାଇଁ ହୁଏତ ବନ୍ଦ ରଖିବାକୁ ପଡ଼େ। ପ୍ରତିଦିନ ରାଶନ ଦ୍ରବ୍ୟ କିଣିବାରେ ପାଳିକରି ୫ଜଣ, ପନିପରିବା କାଟିବା ଅନ୍ୟାନ୍ୟ ସୁବ୍ୟବସ୍ଥା ପାଇଁ ୧୦ଜଣ ଦାୟିତ୍ୱ ତୁଲାଇଥାନ୍ତି। ପ୍ରତିଦିନ ପ୍ରାୟ ୨ଶହ ଜଣଙ୍କ ପାଇଁ ଏଠାରେ ରୋଷେଇ ବ୍ୟବସ୍ଥା କରାଯାଇଥାଏ। ସାଦା ଥାଳି ପ୍ରତି ପ୍ରାୟ ୪୦ଟଙ୍କା ଏବଂ ଆମିଷଥାଳି ପ୍ରତି ବିଭିନ୍ନ ଖାଦ୍ୟକୁ ନେଇ ଦାମ ଅଲଗା ଅଲଗା ରହିଛି। ଏହି ହୋଟେଲରେ ଭାତ, ଡାଲି, ଶାଗ, ବଡ଼ିଚୂରା, ପାମ୍ପଡ଼, ସାଲାଡ଼, ଆଳୁଭର୍ତ୍ତା, ସାଦା ତରକାରି, ପୁଣି ଚାହିଦା ଅନୁସାରେ ମାଛ, ଚିକେନ ତରକାରି ହୋଇଥାଏ। କିନ୍ତୁ ଏହି ହୋଟେଲରେ ଅଧିକାଂଶ ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ବିଭିନ୍ନ ସମୟରେ ନାନାପ୍ରକାରର ଶିବିରରେ ଯୋଗଦେବାକୁ ଆସୁଥିବା କେତେକ ଘରୋଇ ସଂସ୍ଥାର ଯୁବତୀଯୁବକ ଏବଂ ମହିଳା ପୁରୁଷମାନେ ଏଠାକୁ ଖାଇବା ପାଇଁ ଆସିଥାନ୍ତି। ସଞ୍ଜୁଲତା ଖୁଣ୍ଟିଆ କୁହନ୍ତି, ମହିଳାମାନେ ଏଠାରେ ରାନ୍ଧିବାଠାରୁ ପରଷିବା, ଏପରି କି ହୋଟେଲର ସମସ୍ତ ଦାୟିତ୍ୱ ବୁଝାଶୁଝା କରିଥାନ୍ତି। ଏହି ହୋଟେଲରୁ ପ୍ରାୟ ୨୫ଟି ପରିବାରକୁ କିଛି ରୋଜଗାର ପନ୍ଥା ମିଳିପାରିଛି। ସରକାରଙ୍କ ତରଫରୁ ଆମ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଏବଂ ଜାଗାଟିଏ ମିଳିଲେ ଖୁସୀ ହୋଇପାରନ୍ତୁ।









## ଆଶ୍ଚର୍ଯ୍ୟ ହେଲେ ବି ସତ



**କାଠରେ ପ୍ରସ୍ତୁତ ପୃଥିବୀର ଉଚ୍ଚତମ କାରୁକାର୍ଯ୍ୟଗୁଡିକ ମଧ୍ୟରେ ଋଷିଆର କିଝି ଆଇସ୍‌ଲାଣ୍ଡରେ ଥିବା କିଝି ପୋଗୋଷ୍ଟ ଚର୍ଚ୍ଚ ଅନ୍ୟତମ। ଆସନ୍ତୁ ଜାଣିବା ଏହି ଆଶ୍ଚର୍ଯ୍ୟ ଚର୍ଚ୍ଚ ସମ୍ପର୍କରେ କିଛି କଥା...**

➔ଏଠାରେ ଦୁଇଟି କାଠନିର୍ମିତ ଚର୍ଚ୍ଚ ଏବଂ ଗୋଟିଏ ବେଲ୍ ଟାୱାର ରହିଛି। ଉକ୍ତ ଚର୍ଚ୍ଚଦ୍ୱୟ ଚର୍ଚ୍ଚ ଅଫ୍ ଦି ଟ୍ରାନ୍ସଫିଗୁରେସନ୍ ଏବଂ ଚର୍ଚ୍ଚ ଅଫ୍ ଦି ଇଣ୍ଟରସେସନ୍ ନାମରେ ପରିଚିତ। ଏହି ଚର୍ଚ୍ଚଦ୍ୱୟ ଉପରେ ଥିବା ଡୋମ୍ ବା ଗମ୍ବୁଜ ନିର୍ମାଣ ଲାଗି ଶହ ଶହ ସଂଖ୍ୟାରେ ଡାଇମଣ୍ଡ ଆକୃତିର କାଠ ଟାଇଲ ବ୍ୟବହାର କରାଯାଇଛି।

➔ଯଦିଓ ଏହି ବିଶାଳ ଏବଂ ନିଆରା କଳାକୃତି ପ୍ରସ୍ତୁତ କରିଥିବା କାରିଗରଙ୍କ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ନାହିଁ, ତଥାପି କୁହାଯାଏ ଏହାର ମୁଖ୍ୟ କାରିଗର ସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରିବା ଲାଗି ଗୋଟିଏ ମାତ୍ର କୁରାଢ଼ି ବ୍ୟବହାର କରିଥିଲେ। ଆଉ ଚର୍ଚ୍ଚ ନିର୍ମାଣ ଶେଷ ହେବା ପରେ ନିକଟରେ ଥିବା ଏକ ହ୍ରଦକୁ ଉକ୍ତ କୁରାଢ଼ିଟି ଫିଙ୍ଗି ଦେଇଥିଲେ।

➔୩୦୦ ବର୍ଷ ପୂର୍ବେ କେବଳ ପାଇନ୍, ସ୍ପ୍ରସ୍ ଏବଂ ଆସ୍ପେନ୍ ଗଛର କାଠ ବ୍ୟବହାର କରାଯାଇ ନିର୍ମାଣ କରାଯାଇଥିବା ଏହି ନିଆରା କଳାକୃତିର ବିଶେଷତ୍ୱ ହେଉଛି କୋଠ ଯୋଡ଼େଇ ଲାଗି ଏଥିରେ ଗୋଟିଏ ମାତ୍ର କଣ୍ଟା ବ୍ୟବହାର କରାଯାଇନାହିଁ। ୧୯୯୦ ମସିହାରେ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ୟୁନେସ୍କୋ ଲିଷ୍ଟରେ ଏହା ସ୍ଥାନ ପାଇଛି।

## ନୂଆ ସକାଳ

**-ଶରତ କୁମାର ଦାସ**

ସୂର୍ଯ୍ୟ ଉଇଁଲାବେଳକୁ
ପୁରୁଣା କିଛି ତ ନଥିଲା,
ଧୋବ ଫରଫର ଦିଶୁଥିଲା
ଦିଗନ୍ତର ଦୃଶ୍ୟ
ମହମହ ବାସରେ
ମନମୋହୁଥିଲା ନୂଆ ସକାଳ
ଫ୍ରକ ପିନ୍ଧା ଝିଅଟିଏ କଙ୍କି ଧରୁଥିଲା
ଆଉ ଗୁଣୁ ଗୁଣୁ ଗୀତ ଗାଇ
ନାଚୁଥିଲା ମନ ଖୁସିରେ ।

ମାତ୍ର ପୁରୁଣାର ଛିଟା ଏବେବି
ସତେଜ ଲାଗୁଥିଲା
ନୂଆର ଖୋଳପା ଭିତରେ,
ନିଶାଦର ଆରଣ୍ୟକ କ୍ଷୁଧାରେ
ପେଟ ଆଉଟି ପାଉଟି ହେଉଥିଲା
କେଉଁ ଏକ ଆଦିମ ଲାଳସାରେ
ବେଫିକର ମନ ବନ୍ଧାପଡିଥିଲା ।

ହସୁଥିଲା ସକାଳ ଛାତି ଫୁଲେଇ
ଫାଟିଥିଲା ସିନ୍ଦୂରା
ମାତ୍ର ସତସତିଆ ଆଲୁଅ
ଛୁଇଁ ନଥିଲା ମାଟିକୁ
ସ୍ୱପ୍ନମାନେ ଡେଉଁଥିଲେ କଅଁଳ
ଖରାରେ
ନୂଆ ସକାଳର ମିଛ
ଆଲିଙ୍ଗନରେ.. ।

-ବଡବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ନୂଆବର୍ଷ

**-ଶଙ୍କର୍ଷଣ ପରିଡ଼ା**

ଏକାକଥା ଜନ୍ମ ମୃତ୍ୟୁ
ଯମଜ ଚମକ
ଏକା କଥା ପ୍ରବେଶ ପ୍ରସ୍ଥାନ
ରମଣ ଓ ମରଣର
ସ୍ନିଗ୍ଧ ସନ୍ଧିକ୍ଷଣ
ମହାକାଳ ମୁହାଣରେ
ସମୟ ଖଣ୍ଡର ମୃତ୍ୟୁ
ଆଲୋକିତ ଅନ୍ଧାରରେ
ବିଦାୟ ଓ ସ୍ୱାଗତର ଦୃପ୍ତ
ପାଦଚିହ୍ନ
ନୂଆବର୍ଷ ସମୟର
ଶୁଭ ଜନ୍ମଦିନ ।

-ଇନ୍ଦ୍ରପ୍ରସ୍ଥ
ସର୍ବୋଦୟ ନଗର,ପୁରୀ-୨
ମୋ:୯୪୩୭୦୩୪୫୫୦

# ଫୁଟପାଥ୍‌ରେ ଶୀତ

**-ବିଜୟଲକ୍ଷ୍ମୀ ନାୟକ**

ରାତି ବାରଟା ପଇଁତିରିଶ ପାଖାପାଖି ହେବ କୁଆଁ କୁଆଁ ଶବ୍ଦରେ ପ୍ରକମ୍ପିତ ହେଇ ଉଠିଲା ସହରର ଆଖପାଖ । ଝାପ୍ସା ଦିଶୁଥିଲା ଲାଇଟ୍ ଗଛର ଆଢୁଆଳରେ । ଚେତାଶୂନ୍ୟ ହୋଇ ପଡିଥିଲା ଅଞ୍ଜନା । ହାଡ଼ଭଙ୍ଗା ଶୀତ ସାଙ୍ଗକୁ ଯାହା କିଛି ଶୀତବସ୍ତ୍ର ଥିଲା ବଡଝିଅ ଟାଣିଟୁଣି କରି ଶୋଇପଡିଛି । ଗଛତଳୁ କିଛି ଶୁଖିଲା ପତ୍ର ଗୋଟେଇ ଆଣି ଦିଆସିଲି ମାରିଲା ମନୁଆ । ପାଦ ଦୁଇଟିକୁ ହାତରେ ଧରି ନିଆଁର ଉଷୁମ ସ୍ପର୍ଶ ଦେବା କ୍ଷଣି ଚେତା ଫେରିଲା ଅଞ୍ଜନାର । ଆଖି ଖୋଲି ଦେଖିଲା ନାଭିନାଡି ଲାଗି କାନ୍ଦି ଚାଲିଛି ପୁଅ ତା'ର, ସେ କିନ୍ତୁ ହସୁଥିଲା । ଏତେ ବର୍ଷ ପରେ ପୁଅ ହେଇଛି  ଦେଖି । ଝିଅଠାରୁ ଚାଦରଟା ଟାଣି ଆଣି ଘୋଡେଇ ଦେଲା ପୁଅକୁ । ଆହା ଭଗବାନ୍ ପୁଅ ଦେଲେ ଯେ ପୁଣି ଏତେ ଶୀତରେ ରାସ୍ତା  ପାଖରେ !!

ମନେପକେଇଲା ଯେଉଁଦିନ ଘରଡିହ ଖଣ୍ଡକ ବିକି ସ୍ୱାମୀ ସହ ଚାଲିଆସିଥିଲା ଏ ସହରକୁ । 'ଛି' କରିଦେଇଥିଲା ଗାଁକୁ । ଆଉ ନ ଫେରିବାର ଜିଦିରେ ବିନାଦୋଷରେ ଚରିତ୍ରହୀନାର ଆରୋପ ସହି ନ ପାରି ସ୍ୱାମୀ ସ୍ତ୍ରୀ ଦୁହେଁ ସବୁଦିନ ପାଇଁ ଏ ଫୁଟପାଥକୁ ନିଜର ସବୁ କିଛି କରି ନେଇଥିଲେ । ସ୍ୱାମୀ ତା'ର ବୁଲି ବୁଲି ହସ ଆଉ ପ୍ରେମର ବେଲୁନ ବିକେ । ଆଉ ଅଞ୍ଜନା ବଡଝିଅ ହାତରେ ଥାଳିଟିଏ ଧରେଇ ଦେଇ ଭିକ ମାଗିବାକୁ ପଠେଇ ଦେଇ ନିଜେ ରାମମନ୍ଦିର ପାଖରେ ବସିପଡେ । ଖାଇବାକୁ ତ ପେଟ ପୂରେନି ନିଜକୁ ସଜେଇବ କ'ଣ, ନୁଖୁରା ମୁଣ୍ଡ ସାଙ୍ଗକୁ ଧୂଳିମଳିର ଲୁଗା ଖଣ୍ଡେ ଦେହରେ ସେମିତି ଲାଗିକରି ଥାଏ, ଠାଏଁ ଠାଏଁ  ଚିରି ଯାଇଥାଏ । ଦୂରରୁ ଦେଖେ ରୋଡ୍ କ୍ରସ୍ କରୁଥିବା ମହିଳାମାନଙ୍କୁ କେତେ ସାଜସଜ୍ଜାରେ ଯାଉଥାନ୍ତି ଗାଡିମୋଟରରେ । ସେ କେବଳ ମେଞ୍ଚି ପାଣି ଚୁଡିପିନ୍ଧି ଭାଗ୍ୟକୁ ଗାଳି ଦେଉଥାଏ । ବଡଝିଅ ବେଳେ ବେଳେ କାନ୍ଦି କାନ୍ଦି ଆସି କୁହେ ମା' ମୁଁ କାହିଁକି ପାଠ ପଢୁନି ? ? ମୋର ସ୍କୁଲ୍ ଯିବାକୁ ବହୁତ ଇଚ୍ଛା ହେଉଛି । ଏ କାମ ମତେ ଭଲ ଲାଗୁନି । ଲୋକମାନେ ଯାହା ଟଙ୍କାଟିଏ ତ ଦିଅନ୍ତିନି କେତେ କଥା ଶୁଣେଇ ଦିଅନ୍ତି । ମା' ଆମ ଭାଗ୍ୟ ଏମିତି କାହିଁକି ? ? କିଏ ଆମ ଭାଗ୍ୟ ଲେଖନ୍ତି ? ? ମନ୍ଦିର ଆଡକୁ ହାତ ବଢେଇ ଦେଇ କୁହେ ଅଞ୍ଜନା ସେ ଲେଖନ୍ତି, ପାରିବୁ ଯଦି ମନଇଚ୍ଛା ଗାଳି କର ତାଙ୍କୁ ।

ପୁରୁଣା ଦିନ ସବୁ ଭୁଲି ଯାଉଛି ଅଞ୍ଜନା । ବ୍ଲେଡ୍‌ଟିଏ ସାହାଯ୍ୟରେ ନାଭି କାଟିଦେଇଛି ପୁଅର । ଲୁଗାଟିଏ ଚିରି ପୋଛି ପକେଇଛି ପୁଅ ଦେହରୁ ଯେତେ ନାଳ ରକ୍ତ । ପୁଅ ଏବେ ତା'ର ଢୁଲୁଢୁଲୁ କରି ଚାହିଁ ରହିଥିଲା ଅଞ୍ଜନା ଆଖିକୁ । ଅଞ୍ଜନା ପୁଅକୁ ନେଇ ସ୍ୱପ୍ନ ଦେଖୁଥିଲା ତାକୁ ଯେମିତି ହେଲେ ପାଠ ପଢେଇ ବଡମଣିଷ କରିବ । ଦୁଃଖ ତା'ର ଯିବ । ଚାକିରି କରିବ ପୁଅ । ପୁଅକୁ କ'ଣ ସତରେ ସିଏ ବଡ କରି ପାରିବ ? ସକାଳ ପାହି ପାହି ଆସୁଥାଏ । ଶୀତରେ ଥରୁଥାଏ ପୁଅ । ବିଏମ୍‌ସି କର୍ମଚାରୀଙ୍କ ପାଟି ଶବ୍ଦରେ ଚମକି ଉଠିଲା ଅଞ୍ଜନା । ଜଲଦି ଜଲଦି ଏ ଜାଗା ଖାଲି କର । ସହରକୁ ମନ୍ତ୍ରୀ, ରାଜନେତା ଆସିବେ ସବୁ ଯେମିତି ସଫା ସୁତୁରା ରହିବା ଦରକାର । ସେତେବେଳେ ଅଞ୍ଜନା ଭାବୁଥିଲା ଏ ମନ୍ତ୍ରୀବାବୁ ମାନେ କେତେ ସଫାସୁତୁରା କରୁଥିବେ ପରିବେଶକୁ, ଯେତେ ଯାଏ ଆମ ଅବସ୍ଥା ଶୋଚନୀୟ ଥିବ ? କାମ ଯୋଗେଇଦେବା ସହ ଭଲ ଘର ଖଣ୍ଡିଏ ଦେଇଦେଲେ ପୁଅକୁ ମଣିଷ କରିବାର ସ୍ୱପ୍ନ ପୂରା ହୋଇଯାନ୍ତା । ଆମଭଳି ଅଭାବୀ ଲୋକଙ୍କ କଥା ଭାବିବାକୁ ସମୟ କାଇଁ ତାଙ୍କର । କୁଆଁ କୁଆଁ ଶବ୍ଦ କରି କାନ୍ଦି ଉଠିଲା ପୁଅ । ଚଦରଟା ଟାଣି ନେଇଥିଲା ବଡଝିଅ ।

*-ଭାଟସାହି, ବାହାଡାଝୋଲା,ନୟାଗଡ,*
*ମୋ: ୭୬୦୫୯୭୫୩୧୫*



## ନୂଆ ବର୍ଷ

**-ଯୀଶୁକ୍ରୀଷ୍ଟ ଦାଶ**

ମୁଁ ଜାଣି ପାରେନି
'ନବ ବର୍ଷର ଶୁଭେଚ୍ଛା'ରେ
ନୂଆ କ'ଣ ?
କେବଳ ବଦଳି ଯାଇଥିବା ଖଣ୍ଡେ
ତାରିଖ ?

ନହେଲେ ମହଣେ କାନ୍ଦଣା ଆଉ
ଛାତିର ଛାତିଏ ଦୁଃଖ ଏବେ ବି ମୋ
ଭାଗରେ ।
ଏଥିରେ ନୂଆ କ'ଣ ? ଶୁଭେଚ୍ଛା କ'ଣ ?

- ନହଙ୍ଗ, କୁପାରୀ, ବାଲେଶ୍ୱର
ମୋ: ୮୦୧୮୬୬୧୬୫୨

# ସଲ୍ଲୁଙ୍କ ପ୍ରଶଂସାରେ ଦିଶା


ଦିଶା

ଦିଶା ପଟାନି ଏବେ ସଲ୍ଲୁ ଓରଫ ସଲମାନ ଖାଁଙ୍କ ପ୍ରଶଂସାରେ ଶତମୁଖ। କାରଣ ବଲିଉଡ୍‌ର ଏହି ମୋଷ୍ଟ ଏଲିଜିବୁଲ୍ ବ୍ୟାଚେଲରଙ୍କ ନାୟିକା ସାଜିଛନ୍ତି ସେ। ସଲ୍ଲୁ ମିଆଁଙ୍କ ସହ ଆକ୍ଟିଂ କରିବା ତାଙ୍କର ଅନ୍ୟତମ ଆଶା ଥିଲା। ଆଉ ଏହା ପୂରଣ ହୋଇଛି। ହଁ, ଫିଲ୍ମଟି ହେଲା 'ରାଧେ : ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'। ଏ ନେଇ ଦିଶା କହନ୍ତି, 'ଯେତେବେଳେ ସଲମାନଙ୍କ ସହ ଆକ୍ଟିଂ କରିବାକୁ ମୋତେ ଅଫର ମିଳିଲା ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଯାହାହେଉ ମୋର ଆଉ ଏକ ଆଶା ପୂରଣ ହୋଇଛି। ଏହାବ୍ୟତୀତ ପ୍ରଭୁଦେବାଙ୍କ ପରି ନିର୍ଦ୍ଦେଶକ ଏହାର ନିର୍ଦ୍ଦେଶନା ଦେଉଛନ୍ତି।' ଖାସ୍ କଥା ହେଲା 'ଭାରତ' ପରେ ସଲମାନଙ୍କ ସହ ପୁଣି ଥରେ ଜ୍ୟାକି ଶ୍ରଫ ଅଭିନୟ କରିବେ। ଏଥିରେ ତାଙ୍କୁ ଜଣେ ସିନିୟର ପୋଲିସ ଅଫିସର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଅପରପକ୍ଷରେ ଫିଲ୍ମଟିର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଲମାନ, ଦିଶା ଏବଂ ଜ୍ୟାକିଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ରଣଦୀପ ହୁଡା, ଜରିନା ୱହାବ ମଧ୍ୟ ଅଭିନୟ କରୁଛନ୍ତି। ଗାୟକ ଅର୍ଜୁନ କାନୁନଗୋ ଏହି ଫିଲ୍ମରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

# ବୋଲ୍ଡ ଶଟ୍ ପାଇଁ..


ବାଣୀ

ବାଣୀ କପୁର ନିଜ ଆକ୍ଟିଂ କ୍ୟାରିୟରକୁ ନେଇ କେତେ ସଚେତନ ତାହା ନିକଟରେ ଜଣା ପଡିଛି। ନିକଟରେ ତାଙ୍କୁ ଦୁଇଟି ଅଫର ମିଳିଥିଲା। ହେଲେ ଅଫରଦ୍ୱୟକୁ ସେ ହାତଛଡା କରିଛନ୍ତି। କାରଣ କ'ଣ ଜାଣନ୍ତି ? ଏହି ଦୁଇଟି ନୂଆ ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିଥାଆନ୍ତା। ଏକଥା ଜାଣିବା ପରେ ସେ ତାହାକୁ ଭଲ ଭାବରେ ତର୍ଜମା କରିଥିଲେ। ଆଉ ଶେଷରେ ସିଧାସଳଖ ଏପରି ସିନେମାରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଏ ସମ୍ପର୍କରେ ବାଣୀ କହନ୍ତି, 'ଅଯଥାରେ ଅଙ୍ଗ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିବାକୁ ମୁଁ ବଲିଉଡ୍‌କୁ ଆସିନି। ଯେଉଁ ଅଫର ଦୁଇଟି ମିଳିଥିଲା ସେଥିରେ ଯେଉଁ ବୋଲ୍ଡ ଶଟ୍ ସଂଯୋଜିତ ହୋଇଥିଲା, ତାହାର କାହାଣୀ ସହ କୌଣସି ସମ୍ପର୍କ ନ ଥିଲା। ତେଣୁ ସେପରି ସିନେମାର ଅଭିନୟ କରିବାକୁ ମନା କରିଦେଇଥିଲି।' ଏପଟେ 'କାଇ ପୋ ଚେ' 'ରକ୍ ଅନ୍' ଏବଂ 'କେଦାରନାଥ' ସିନେମାର ନିର୍ଦ୍ଦେଶକ ଅଭିଷେକ କପୁର ଆଉ ଏକ ନୂଆ ସିନେମା ନିର୍ମାଣ କରୁଛନ୍ତି ଯାହାର ଟାଇଟଲ ରହିଛି 'ଚଣ୍ଡୀଗଡ କାରେ ଆସିକୀ'। ଏହି ଫିଲ୍ମରେ ବାଣୀ ନାୟିକା ସାଜିବେ ଏବଂ ତାଙ୍କ ସହ ନାୟକ ଭୂମିକାରେ ଦେଖାଦେବେ ଆୟୁଷ୍ମାନ ଖୁରାନା।

# ସୋନମ ଯାହା ଚାହୁଁଥିଲେ..

ଖୋଜୁଥିବା ଜିନିଷ ବେଳେବେଳେ ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ଯେପରି ଏକ ଦମଦାର ଭୂମିକାରେ ଅଭିନୟ କରିବାକୁ ସୋନମ କପୁର ଚାହୁଁଥିଲେ ସେହି ଆଶା ତାଙ୍କର ପୂରଣ ହୋଇଛି। ଫିଲ୍ମଟିର ଟାଇଟଲ ରହିଛି 'ବ୍ଲାଇଣ୍ଡ'। ଏକ କ୍ରାଇମ ଥ୍ରୀଲର ବିଶିଷ୍ଟ କାହାଣୀକୁ ନେଇ ସିନେମାର ଶୁଟିଂ ଏବେ ସ୍କଟଲାଣ୍ଡରେ ଚାଲିଛି। ଏ ସମ୍ପର୍କରେ ସୋନମ କହନ୍ତି, 'ଏପରି ଏକ ଭୂମିକା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ। ଏପରି ଏକ ଭୂମିକାରେ ଅଭିନୟ କରିବାକୁ ମୁଁ ଚାହିଁ ବସିଥିଲି। ଯେତେବେଳେ ଏହାର ପ୍ରଯୋଜକ ସୁଜୟ ଘୋଷ ମୋତେ ଏ ବିଷୟରେ ସୂଚନା ଦେଲେ ସେତେବେଳେ ମୁଁ ଖୁସିରେ ଉଚ୍ଛୁଳି ଉଠିଥିଲି। ତା'ସହ କିପରି ଏପରି ଭୂମିକାକୁ ନେଇ ଆଣି ଥୋଇ ପାରିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ଏହି କ୍ରାଇମ ଥ୍ରୀଲରରୁ ଦର୍ଶକ ଭରପୂର ଏଣ୍ଟରଟେନମେଣ୍ଟ ପାଇବେ ବୋଲି ଆଶା ରଖିଛି। ଉକ୍ତ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସୋମ୍ ମଖିଜା। ଏଥିରେ ସୋନମ୍‌ଙ୍କ ବ୍ୟତୀତ ବିନୟ ପାଠକ, ପୂରବ କୋହଲି ଏବଂ ଲିଟିଲ ଦୁବେ ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟି ଚଳିତବର୍ଷ ହିଁ ରିଲିଜ ହେବ ବୋଲି ଜଣାପଡିଛି।

# ଐଶ୍ୱର୍ଯ୍ୟାଙ୍କ ସଜବାଜ

ବଚ୍ଚନ ପରିବାରର ବୋହୂ ସାଜିବା ଏବଂ କନ୍ୟା ସନ୍ତାନର ଜନନୀ ହେବା ପରେ ଐଶ୍ୱର୍ଯ୍ୟା ରାୟବଚ୍ଚନ ବଡ ପରଦାଠାରୁ କିଛିଟା ଦୂରେଇ ଯାଇଛନ୍ତି। ହେଲେ ଏବର୍ଷ ସେ କୁଆଡେ ବଲିଉଡ୍‌ରେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ତାଙ୍କ ପାଖକୁ ପ୍ରାକ୍ ସୂଚନା ପାଇବା ପରେ କେତେକ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଚିନ୍ତା କରୁଛନ୍ତି। ସେପଟେ ଅନ୍ୟତମ ବିଶିଷ୍ଟ ନିର୍ଦ୍ଦେଶକ ମଣି ରତ୍ନମ ମଧ୍ୟ ତାଙ୍କର ପରବର୍ତ୍ତୀ ଫିଲ୍ମର ନାୟିକା ପାଇଁ ଐଶ୍ୱର୍ଯ୍ୟାଙ୍କୁ ଚୟନ କରିଛନ୍ତି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାପଡିଛି। ଏ ସମ୍ପର୍କରେ ସେ କହନ୍ତି, 'ମଣି ରତ୍ନମଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାକୁ କିଏ ବା ନ ଚାହେଁ ? ଆଉ ସେଥିରୁ ମୁଁ ବାଦ୍ ପଡିବି କିପରି ? ସେ ତାଙ୍କର ଆଗାମୀ ଫିଲ୍ମରେ ମୋତେ ସାଇନ୍ କରିବେ ବୋଲି ମୁଁ ମଧ୍ୟ ଶୁଣିଛି। ହେଲେ ଅଫିସିଆଲି ଅଫର ଆସିଲେ ମୁଁ ଯାହା କହିପାରିବି।' ଐଶ୍ୱର୍ଯ୍ୟାଙ୍କ ଅଭିନୀତ ଶେଷ ଫିଲ୍ମ 'ଫନ୍ନେ ଖାନ୍' ୨୦୧୮ରେ ରିଲିଜ ହୋଇଥିଲା, ହେଲେ ଦର୍ଶକ ଏହି ଚିତ୍ରଟିକୁ ଗ୍ରହଣ କରି ନ ଥିଲେ। ତେବେ ବଲିଉଡ୍‌ରେ ନିଜର ଦ୍ୱିତୀୟ ଇନିଂସରେ ଐଶ୍ୱର୍ଯ୍ୟା କି କମାଲ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ଐଶ୍ୱର୍ଯ୍ୟା

# ଲୁଚିଛି ନା..

କଥାରେ ଅଛି–ଲୁଚିଛି ନା ଗୋଡ ଦି'ଟା ଦିଶୁଛି। 'ନାହିଁ ନାହିଁ' ବୋଲି ଯେତେ ସଫେଇ ଦେଲେ କ'ଣ ହେବ ଏପରି କଥା କ'ଣ କେବେ ଲୁଚି କରି ରହିଥାଏ ? ଅସଲ କଥା ହେଲା ଶ୍ରୀଦେବୀ ତନୟା ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କୋ–ଆର୍ଟିଷ୍ଟ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଆଫେୟାର୍ସକୁ ଏପରି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ନିକଟରେ ଦୁହେଁ କଫି ପିଇବାକୁ ଏକ ପବ୍‌କୁ ଯାଇଥିଲେ। ପୁଣି ସେଠାରୁ ଜାହ୍ନବୀଙ୍କୁ ତାଙ୍କ ଘରେ ଡ୍ରପ କରିବାକୁ କାର୍ତ୍ତିକ ଯାଇଥିଲେ। ଏକଥା ଯେତେବେଳେ ହାଟରେ ପଡି ଦାଣ୍ଡରେ ଗଡିଲା ସେତେବେଳେ ଏ ନେଇ ସଫେଇ ଦେବାକୁ ବାଧ୍ୟ ହୋଇଥିଲେ ଜାହ୍ନବୀ। ''କାର୍ତ୍ତିକଙ୍କ ସହ ମୋ ନାମକୁ ଯୋଡା ଯାଇ ଅନେକ କଥା ଆଲୋଚନା ହେଉଛି। ହେଲେ ସେସବୁ କଥା ପଛରେ ସତ୍ୟତା ନାହିଁ। ଆମ ଦୁହିଁଙ୍କ ଭିତରେ ଥିବା ଫ୍ରେଣ୍ଡସିପ୍‌କୁ ଲୋକମାନେ ଅନ୍ୟ ଦୃଷ୍ଟିରେ ଦେଖୁଛନ୍ତି'' ବୋଲି କହିଛନ୍ତି ଜାହ୍ନବୀ। ପୁଣି ଏପରି ସଂଯୋଗରେ କରନ୍ ଜୋହରଙ୍କ ଆଗାମୀ ଫିଲ୍ମ 'ଦୋସ୍ତାନା–୨'ରେ ଏହି ଯୋଡିକୁ ଦେଖିବାକୁ ମିଳିବ। ତେବେ ନିଜର ପ୍ରେମ କାହାଣୀ ସତ ବୋଲି ଜାହ୍ନବୀ କେବେ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ

# ଭଲ ବେଲା ଆସିଛି

ଅଭିନେତା ଦୀପକଙ୍କ ଖୁସି କହିଲେ ନ ସରେ। କେମିତି ବା ଖୁସି ହେବେନି କହୁନାହାନ୍ତି ? ହୋମ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ସେ ପ୍ରଥମ ଥର ପାଇଁ ପ୍ରଯୋଜନା ପରି ଗୁରୁ ଦାୟିତ୍ୱ ସମ୍ଭାଳି ନିର୍ମାଣ କରିଛନ୍ତି ଓଡ଼ିଆ ସିନେମା 'ପଲ୍ ପଲ୍ ତତେ ଚାହେଁ'। କେବଳ ସେତିକି ନୁହେଁ, ଏହାର ସେ ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଅନ୍ୟପକ୍ଷରେ ସେ ଆକ୍ଟିଂ କରୁଥିବା ଆଉ ଏକ ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'ର ଶୁଟିଂ ଚାଲୁ ରହିଛି। ପ୍ରଶାସକ ରଞ୍ଜନ କୁମାର ଦାସ ଏହାର କାହାଣୀ ରଚନା କରିଛନ୍ତି। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି କୋରିଓଗ୍ରାଫର–କମ୍–ଡିରେକ୍ଟର ସୁଧାକର ବସନ୍ତ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ତଥା ଏ ପର୍ଯ୍ୟନ୍ତ ୭୦ଟି ଚଳଚ୍ଚିତ୍ରର ସଂଳାପ ଲେଖିସାରିଥିବା ଡ. ରଜନୀ ରଞ୍ଜନ। 'ଏକ ଖାଣ୍ଟି ତଥା ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଏହି ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ପଢ଼ିବା ପରେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। କେବଳ କାହାଣୀ ନୁହେଁ, ସଙ୍ଗୀତ, ସଂଳାପରେ ମଧ୍ୟ ନୂତନତ୍ୱ ଭରି ରହିଛି ବୋଲି କହନ୍ତି ଦୀପକ।' କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଲିଡ୍ ରୋଲ୍‌ରେ ଦୀପକ ଅଭିନୟ କରୁଛନ୍ତି ଏବଂ ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଚଳଚ୍ଚିତ୍ରର ଶୁଟିଂ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଚାଲିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅନୁଭା–ଦୀପକ


ସୋନମ୍

## ପ୍ରଥମ ରୋଜଗାର



ଆସୋସିଏଟ୍ ପ୍ରଫେସର୍ (ସ୍ପୋର୍ଟ୍ସ କୋଚିଂ) ଡ.ଶ୍ୟାମସୁନ୍ଦର ରଥ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

### ଦରମା ଟଙ୍କାରେ ନୂଆ ପ୍ୟାଣ୍ଟ ଶାର୍ଟ କିଣିଥିଲି

ପୁରୀ ଜିଲ୍ଲା ଗୌଡବାଡ ସାହିରେ ମୋ ଜନ୍ମ। ଏସ୍ ସିଏସ୍ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ସାରି ବାଣୀବିହାରରେ ଏମ୍.ଏ ପଢିବାକୁ ଆଡମିସନ୍ ନେଇଥିଲି। କିନ୍ତୁ ଯେହେତୁ ମୁଁ କଲେଜ କ୍ୟାରିୟରରେ ୱେଟ୍ ଲିଫ୍ଟିଂରେ ୩ଥର ଗୋଲ୍ଡ ମେଡାଲ୍ ପାଇବା ସହ ୟୁନିଭର୍ସିଟି କ୍ୟାପଟେନ୍ ଥିଲି। ତା'ସହିତ ଅଲ୍ ଇଣ୍ଡିଆ ଇଣ୍ଟର ୟୁନିଭର୍ସିଟି ୱେଟ୍ ଲିଫ୍ଟିଂ କମ୍ପିଟିସନରେ ୫ଥର ଭାଗ ନେଇଥିଲି, ତେଣୁ ସେହି ଲାଇନ୍‌ରେ କ୍ୟାରିୟର କଲେ ଭଲ ସଫଳତା ମିଳିବ ବୋଲି ମୋର ଜଣେ ସମ୍ପର୍କୀୟ ମାମୁଁ ରଘୁନାଥ ସାହୁ କହିବାରୁ ଏମ୍. ଏ ପଢ଼ା ଅଧାରୁ ଛାଡିଦେଲି। ଆଉ ଗ୍ୱାଲିୟର୍ ଯାଇ ଲକ୍ଷ୍ମୀବାଈ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକାଲ୍ ଏଜୁକେସନରୁ ଫିଜିକାଲ୍ ଏଜୁକେସନରେ ଏମ୍.ଏ କଲି। ତା'ପରେ ପଟିଆଲାସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରୁ ୱେଟ୍ ଲିଫ୍ଟିଂରେ ଡିପ୍ଲୋମା କୋର୍ସ ସାରିଲି। ଏହି କୋର୍ସ ସମାପ୍ତ ପରେ ମୋର ଉଚ୍ଚ ଅଭିଳାଷା ଥିଲା ସ୍ପୋର୍ଟ୍ସ ଅଥୋରିଟି ଅଫ୍ ଇଣ୍ଡିଆରେ କୋଚ୍ ଭାବେ ଜଏନ୍ କରିବାକୁ। କିନ୍ତୁ ସେହି ସୁଯୋଗ ମୋତେ ମିଳିଲା ନାହିଁ। ତେଣୁ ଆଶା ମୋର ମଉଳି ଗଲା। ସେହି ଅଭିମାନରେ ମୁଁ ଆଉ ଷ୍ଟେଟ୍ ଗଭର୍ନମେଣ୍ଟରେ ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେଲି ନାହିଁ। ତା' ବଦଳରେ ବିଭିନ୍ନ ବେସରକାରୀ ସଂସ୍ଥାରେ କାମ କରିବାକୁ ଲାଗିଲି। ପ୍ରଥମେ ଖୋର୍ଦ୍ଧା ଗୁରୁଜଙ୍ଗରେ ଥିବା ଶିକ୍ଷକ ମହାସଂଘ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେସନରେ ଫିଜିକାଲ୍ ଏଜୁକେସନର ଅଧ୍ୟାପକ ଭାବେ ଜଏନ୍ କଲି। ସେଠି ମୋତେ ୭୮୭ ଟଙ୍କା ୫୦ ପଇସା ଦରମା ମିଳିଲା, ଯାହାକି ଥିଲା ମୋର ପ୍ରଥମ ରୋଜଗାର। ଘରର ଚଳଣି ଭଲ ଥିବାରୁ ମୋ ଦରମା ଟଙ୍କା ଘରେ କିଛି ଆବଶ୍ୟକ ହେଲା ନାହିଁ। ତେଣୁ ସେହି ଟଙ୍କାରେ ନିଜ ପାଇଁ କିଛି ହଳ ନୂଆ ପ୍ୟାଣ୍ଟସାର୍ଟ ଓ ଜୋତା କିଣିବା ସହ ଘର ପାଇଁ ମିଠା କିଣିଥିଲି। ଆଉ ବାକି ଟଙ୍କାରେ ସାଙ୍ଗମାନଙ୍କ ସହ ଭୋଜି କରିଥିଲି। ଏହି ଇନଷ୍ଟିଚ୍ୟୁଟରେ କିଛିଦିନ ଅଧ୍ୟାପକ ଓ ପରେ ପ୍ରିନ୍ସିପାଲ୍ ଦାୟିତ୍ୱ ସମ୍ଭାଳିବା ପରେ ଓଡିଶା ସମରକଳା ଏକାଡେମୀରେ ବି ଅଳ୍ପଦିନ ପ୍ରିନ୍ସିପାଲ୍ ଦାୟିତ୍ୱରେ ରହିଥିଲି। ଆଉ ତା'ରି ଭିତରେ ହିଁ ଓଡ଼ିଆ ସମରକଳା ଉପରେ ପିଏଚଡି କାମ ଆରମ୍ଭ କରି ଦେଇଥିଲି। ତା'ସହିତ ଫିଜିକାଲ୍ ଏଜୁକେସନରେ ନେଟ୍ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲି। ଏହାପରେ କିଛିଦିନ ଓଡିଶାରେ ଯେତେକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଥିଲା, ତା'ର ପ୍ରାନ୍ତ ଶାରୀରିକ ଶିକ୍ଷା ବିଶେଷଜ୍ଞ ଭାବେ କାର୍ଯ୍ୟ କରିବା ପରେ ଲୁଧିଆନା ଯାଇ ସେଠାକାର ଏକ ଫାଇଭ୍ ଷ୍ଟାର୍ ହୋଟେଲରେ ଥିବା ହେଲ୍‌ଥ କ୍ଲବର ମ୍ୟାନେଜର ଦାୟିତ୍ୱରେ ରହିଲି। କିଛିଦିନ ପରେ ପୁଣି ଓଡିଶା ଫେରିଆସି ଭୁବନେଶ୍ୱରର ଏକ ଇଂଜିନିୟରିଂ କଲେଜରେ ୧୦ ବର୍ଷ ସ୍ପୋର୍ଟ୍ସ ଅଫିସର ଓ ପରେ ପ୍ରମୋସନ ପାଇ ଆସିଷ୍ଟାଣ୍ଟ ପ୍ରଫେସର ଦାୟିତ୍ୱରେ ରହିଥିଲି। ତା'ପରେ ବାଲିଆପାଳ କଲେଜ ଅଫ୍ ଫିଜିକାଲ୍ ଏଜୁକେସନରେ ୭/୮ ମାସ ଆସୋସିଏଟ୍ ପ୍ରଫେସର ରହି ଗୋଆ ଗଲି ଆଉ ସେଠାକାର ଏକ କଲେଜର ଫିଜିକାଲ୍ ଏଜୁକେସନ ଡିପାର୍ଟମେଣ୍ଟରେ ଆସୋସିଏଟ୍ ପ୍ରଫେସର ଓ ଏଚ୍‌ଓଡି ଦାୟିତ୍ୱରେ ରହିଲି। ଆଉ ଏବେ ମୁଁ ନ୍ୟାସନାଲ ସ୍ପୋର୍ଟ୍ସ ୟୁନିଭର୍ସିଟି ଇମ୍ଫାଲରେ ସ୍ପୋର୍ଟ୍ସ କୋଚିଂ ଡିପାର୍ଟମେଣ୍ଟର ଆସୋସିଏଟ୍ ପ୍ରଫେସର ଓ ଏଚ୍‌ଓଡି ଦାୟିତ୍ୱ ସମ୍ଭାଳୁ ଅଛି। ଏଥିସହିତ ଫିଜିକାଲ୍ ଏଜୁକେସନ ଉପରେ ଦେଶବିଦେଶରେ ଅନେକ ସେମିନାର୍ ପ୍ରେଜେଣ୍ଟେଶନ କରି ବହୁ ସମ୍ମାନିତ ଓ ପ୍ରଶଂସିତ ମଧ୍ୟ ହୋଇଛି।

# ଅଧା ସପନକୁ ଅଧିର ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**–ମୁଁ ସବୁବେଳେ ଜଣେ ସୁନ୍ଦରୀକୁ ସ୍ୱପ୍ନରେ ଦେଖୁଛି। ହେଲେ ଏହି ସ୍ୱପ୍ନ ସତ ହେବ ଭାବି ଭାବି କେବଳ ଦିନ ଗଡିଯାଉଛି। କ'ଣ କରିବି ଜାଣିପାରୁନି।

*–ଉତ୍ତମ, ପୁରୀ*

**ଉତ୍ତର :** 'ଅଧା ସପନକୁ ଅଧିର ମନ, ଭାବନାରେ ବିତି ଯାଉଛି ଦିନ।' ଭାବନା ରାଇଜରେ ଏମିତି ମଉଆଲା ହୋଇ ଘୁରି ବୁଲିଲେ ତାହା କ'ଣ ସତରେ ପରିଣତ ହୋଇଥାଏ ? ସ୍ୱପ୍ନ ଆଉ ବାସ୍ତବତା–ଦୁଇଟି ଭିନ୍ନ ଜିନିଷ। ତେଣୁ ଯଦି ନିଜ ସପନକୁ ସତ କରିବାକୁ ଚାହୁଁଛନ୍ତି ତେବେ ପ୍ରଥମେ ନିଜକୁ ସେହି ସ୍ୱପ୍ନର ରଙ୍ଗୀନ ଦୁନିଆରୁ ବାହାର କରନ୍ତୁ। ମନରେ ସ୍ଥିରତା ଆଣନ୍ତୁ। ସପନ ରାଇଜରେ ଭାସି ନ ବୁଲି ବାସ୍ତବ ଦୁନିଆରେ ମନଲାଖୀ ସାଥୀଟିଏ ଖୋଜନ୍ତୁ। ତେବେ ଆପଣଙ୍କ ପ୍ରେମ ମିଶନ ସଫଳ ହୋଇପାରେ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ଆଖି ମିଶେଇ ହସିଲା। ମୁଁ ଭାବିଲି ସେ ବୋଧେ ଫସିଯାଇଛି। ହେଲେ ଏବେ ସେ ମୋତେ ଦେଖିଲେ ବାଟ ଭାଙ୍ଗି ଚାଲିଯାଉଛି। କ'ଣ କରିବି ?

*–ତପନ ରାଉତ, ବଲାଙ୍ଗୀର*

**ଉତ୍ତର :** ସବୁ ହସରେ ପ୍ରେମ ନ ଥାଏ। ହେଲେ ଆପଣ ସେହି ହସକୁ ପ୍ରେମର ଗ୍ରୀନ୍ ସିଗ୍ନାଲ ବୋଲି ଭାବି କିଛି ବାଟ ଆଗେଇ ଯାଇଛନ୍ତି। ସେହି ସୁନ୍ଦରୀକୁ ନେଇ ଆଶାର ମୀନାର ତୋଳିଛନ୍ତି। ମନକୁ ମନ ତାକୁ ନିଜ ଦିଲ୍ ଦେଇ ଦେଇଛନ୍ତି। ହେଲେ ତା'ପୂର୍ବରୁ ସେହି ହସକୁ ଭଲ ଭାବରେ ପରଖିବାର ଥିଲା। ତଥାପି ସମୟ ଗଡିଯାଇନି। ଏବେ ଯଦି ସେ ଝିଅ ଆପଣଙ୍କୁ ଦେଖି ମୁହଁ ମୋଡି ଚାଲିଯାଉଛି ତେବେ ଆଉ ଡେରି କରୁଛନ୍ତି କିଆଁ ? ସେପରି ସ୍ୱାଦହୀନ, ରଙ୍ଗହୀନ ପ୍ରେମରେ ଯେତେଶୀଘ୍ର ପୂର୍ଣ୍ଣଛେଦ ଟାଣିବେ ତାହା ଆପଣଙ୍କ ପାଇଁ ଭଲ ହେବ। ପ୍ରେମ କରିବା ପୂର୍ବରୁ ଏମିତ ତରତର ହେଲେ କିଛି ଲାଭ ହୋଇ ନ ଥାଏ। ଭାବି ଚିନ୍ତି, ଦେଖିଚାହିଁ ଆଗାନ୍ତୁ ନା !

**ପ୍ରଶ୍ନ**–ପ୍ରେମରେ ଧୋକା ପରି ଶବ୍ଦ ଅଛି କାହିଁକି ?

*–ତନ୍ମୟ ସାହୁ, କେନ୍ଦ୍ରାପଡା*

**ଉତ୍ତର :** ପ୍ରେମ ରାସ୍ତାରେ ଅନେକ ବେପାରୁଆ ଭାବରେ ଗାଡି ଚଲାଇ ଥାଆନ୍ତି। ସେମାନଙ୍କୁ ପାନେ ଦେବାକୁ ଆଉ ସତର୍କ କରାଇ ଦେବାକୁ ଏପରି ଶବ୍ଦ ପ୍ରେମ ଡିକ୍ସନାରୀରେ ରହିଛି। ପ୍ରେମର ସଠିକ ଅର୍ଥ ନ ବୁଝି ମନକୁ ମନ ପ୍ରେମିକା–ପ୍ରେମିକ ସାଜିବାର ଅର୍ଥ କିଛି ନ ଥାଏ। ତେଣୁ ପ୍ରେମର ଅସଲ ପରିଭାଷାକୁ ଭଲ ଭାବରେ ପଢ଼ି ଆଗାନ୍ତୁ। ଦେଖିବେ ଏପରି ଶବ୍ଦ ଆପଣଙ୍କ ପାଖ ମାଡିବ ନାହିଁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ବାହା ହେବାକୁ ମନା କରୁଛି। ଯେତେ ବୁଝାଇଲେ ବୁଝୁନାହିଁ। ସେ କେମିତି ରାଜି ହେବ ?

*–ପ୍ରସନ୍ନ ପରିଡା, କଟକ*

**ଉତ୍ତର :** ଏତେ ଚେଷ୍ଟା କରି ବିଫଳ ହେବା ପରେ ତଥାପି ଆପଣ ଆଶା ରଖିଛନ୍ତି ଯେ, ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି ସେ ଆପଣଙ୍କର ଜୀବନସାଥୀ ହେବ। ଅବଶ୍ୟ ଚିନ୍ତାଧାରା କିଛି ଭୁଲ ନୁହେଁ। ହେଲେ ଏ ନେଇ ଦୁଇ ପଟରୁ ସମ୍ମତି ରହିବା ନିହାତି ଦରକାର। ଏ କ୍ଷେତ୍ରରେ ଏକପଟିଆ ନିଷ୍ପତ୍ତି ଆପଣଙ୍କ ପ୍ରେମର ସବୁ ଆଶାକୁ ମାଟିରେ ମିଶାଇ ଦେଇଥାଏ। ଉଲ୍ଲେଖ କରିଛନ୍ତି ଯେ ଆପଣଙ୍କ ପ୍ରେମିକାକୁ ଯେତେ ବୁଝାଇଲେ ସେ ବୁଝୁନି, ବାହା ହେବାକୁ ରାଜି ହେଉନି। ଏହା ପଛରେ କି କାରଣ ରହିଛି ତାହା ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି ଜାଣିପାରୁଛନ୍ତି ତେବେ ତାହାର ତୁରନ୍ତ ସମାଧାନ କରନ୍ତୁ। ନ ହେଲେ ଏମିତି ଅଧାବାଟରେ ନିଜ ସ୍ୱପ୍ନକୁ ସାକାର କରିବାକୁ କେବଳ ସଙ୍କୁଳି ହେଉଥିବେ ସିନା ସେଥିରୁ ସୁଫଳ ମିଳିବାର ଚାନ୍ସ ବହୁତ କମ୍।

ସାଥୀ



# ଆକ୍ୱାରିୟମ୍

ଘରର ଶୋଭା ବୃଦ୍ଧି କରିବା ସହ ସକାରାତ୍ମକ ଉର୍ଜା ଉତ୍ପନ୍ନ କରାଇବାରେ ଫିଶ୍ ଆକ୍ୱାରିୟମ୍‌ର ଯଥେଷ୍ଟ ଭୂମିକା ରହିଥିବା କଥା ବାସ୍ତୁଶାସ୍ତ୍ରରେ ବି ଉଲ୍ଲେଖ ରହିଛି। ସେଥିପାଇଁ ପ୍ରାୟ କେତେକ ଲୋକ ଘରେ ହେଉ ଅବା କର୍ମକ୍ଷେତ୍ରରେ ଆକ୍ୱାରିୟମ୍ ରଖିବାକୁ ପସନ୍ଦ କରୁଛନ୍ତି। ତେବେ ଏଠାରେ ସେମିତି କେତୋଟି ଆକର୍ଷଣୀୟ ଆକ୍ୱାରିୟମ୍ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହା ଘରକୁ ସୁନ୍ଦର ଲୁକ୍ ଦେବା ସହ କାହାର ବି ଦୃଷ୍ଟି ଆକର୍ଷଣ କରିପାରିବ...





**ବାଲାନ୍ସିଂ ଫିଶ୍ ବାଉଲ୍:** କାଚର ଏକ ଜାର୍ ସଦୃଶ ଦେଖାଯାଉଥିବା ଏହି ଆକ୍ୱାରିୟମ୍‌ଟିକୁ ଏମିତି ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି, ଯଦ୍ୱାରା ଏହାକୁ କୌଣସି ଟେବୁଲ୍ ଉପରେ ନୁଆଁଇଲା ଭଳି ରଖିହେବ। ଫଳରେ ହଠାତ୍ ଯିଏ ଦେଖିବ, ତାକୁ ଲାଗିବ ଆକ୍ୱାରିୟମ୍‌ଟି ତଳକୁ ଖସିପଡ଼ିବ କି! ହେଲେ ତାହା ଆଦୌ ପଡ଼ିବ ନାହିଁ।

**ଆକ୍ୱାରିୟମ୍ ସିଙ୍କ୍:** ସିଙ୍କ୍ ଡିଜାଇନ୍‌ର ଏହି ଆକ୍ୱାରିୟମ୍ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ, ଘରର ଶୋଭା ବର୍ଦ୍ଧନ କରିବାରେ ବି ବେଶ୍ ସହାୟକ ହୋଇଥାଏ।

**ମାସନ୍ ଜାର୍ ଫିଶ୍ ଟ୍ୟାଙ୍କ୍ ଆଣ୍ଡ ଭେସ୍ ସେଲ୍ଫ:** ସେଲ୍ଫ ଡିଜାଇନ୍‌ର ଏହି ଆକ୍ୱାରିୟମ୍‌ଟିକୁ ଏମିତି ଭାବେ ତିଆରି କରାଯାଇଛି, ଯାହା ଟୁ ଇନ୍ ୱାନ୍‌ର କାମ କରିବ। ଅର୍ଥାତ୍ ଏହାକୁ ଏକକାଳୀନ ଆକ୍ୱାରିୟମ୍ ଏବଂ ଫୁଲଦାନୀ ଭାବେ ମଧ୍ୟ ବ୍ୟବହାର କରିହେବ।

**ଟେଲିଫୋନ୍ ବୁଥ୍ ଆକ୍ୱାରିୟମ୍:** ଟେଲିଫୋନ୍ ବୁଥ୍ ସଦୃଶ ଆକ୍ୱାରିୟମ୍‌ରେ ବାର୍ତ୍ତାଳାପ ପାଇଁ ଫୋନ୍ ଅଛି ସତ କିନ୍ତୁ ଏଥିରେ କେହି କଥା ହୋଇପାରିବେ ନାହିଁ। କାରଣ ଏହି ବୁଥ୍ ଭିତରେ ଥାଏ ପାଣି ଆଉ ସେଥିରେ ଶୋଭା ପାଇଥାନ୍ତି ଜଳୀୟ ଉଦ୍ଭିଦ ସମେତ ଅନେକ ରଙ୍ଗିନ ମାଛ।

**ଫିଶ୍ ଟ୍ୟାଙ୍କ୍ କଫି ଟେବୁଲ୍:** କଫି ଟେବୁଲ୍ ତ ଅନେକ ଦେଖିଥିବେ, କିନ୍ତୁ ଆକ୍ୱାରିୟମ୍ ଡିଜାଇନ୍‌ର କଫି ଟେବୁଲ୍ ଦେଖିବାକୁ ଟିକେ ଆକର୍ଷଣୀୟ ଲାଗିଥାଏ। ଘରେ ଶୋଫା ଉପରେ ବସି ସାମ୍ନାରେ ଥୁଆ ହୋଇଥିବା କଫି ଟେବୁଲ୍ ଭିତରେ ରଙ୍ଗିନ ମାଛମାନଙ୍କର ପହଁରିବାର ଦୃଶ୍ୟକୁ ଉପଭୋଗ କରି କଫି ପିଇବାର ମଜା ସତରେ ବେଶ୍ ନିଆରା ଅନୁଭୂତି ଦେବ।


**ଓଲ୍ଡ ଟିଭି ଆକ୍ୱାରିୟମ୍:** ପୁରୁଣାକାଳିଆ ଟିଭି ଡିଜାଇନ୍‌ର ଏହି ଆକ୍ୱାରିୟମ୍ ବି ଘରର ଶୋଭା ବୃଦ୍ଧି କରାଇବାରେ ବେଶ୍ ସହାୟକ ହେବ। ସେଥିପାଇଁ ତ ଅନେକ ସମୟରେ କୁହାଯାଏ, 'ଓଲ୍ଡ ଇଜ୍ ଗୋଲ୍ଡ'।

**ଆକ୍ୱାରିୟମ୍ ସୋଫା:** ଏମିତି କେତେକ ସୋଫା ରହିଛି, ଯାହାର ହାତ ରଖିବା ସ୍ଥାନରେ ଛୋଟ ଛୋଟ ଆକ୍ୱାରିୟମ୍ ଡିଜାଇନ୍‌ର ବକ୍ସ କରାଯାଇ, ତାହା ଉପରେ ଗଦି ପକାଇ ଦିଆଯାଇଛି। ଫଳରେ ସୋଫାରେ ବସୁଥିବା ଲୋକ ଆରାମରେ ସୋଫା ଉପରେ ହାତ ରଖି ବସିବା ସହ ଆକ୍ୱାରିୟମ୍‌ର ଦୃଶ୍ୟକୁ ମଧ୍ୟ ଉପଭୋଗ କରିପାରିବେ।

**ଲାବିରିନ୍ଥ ଆକ୍ୱାରିୟମ୍:** ଏହି ଆକ୍ୱାରିୟମ୍‌ଟିରେ ଛୋଟବଡ଼ ହୋଇ ୫/୬ଟି କାଚ ଜାର୍ ଥାଏ, ଆଉ ପ୍ରତି ଜାର୍‌କୁ ବି କାଚର ପାଇପ୍ ଦ୍ୱାରା ଜଏଣ୍ଟ କରାଯାଇଥାଏ। ଫଳରେ ମାଛମାନେ ଆରାମରେ ଏହି କାଚର ପାଇପ୍ ମଧ୍ୟ ଦେଇ ଗୋଟିଏ ଜାର୍‌ରୁ ଅନ୍ୟ ଜାର୍‌କୁ ପହଁରିଥାନ୍ତି।

**ହ୍ୟାଙ୍ଗିଂ ଫିଶ୍ ଟ୍ୟାଙ୍କ୍:** ଟେବୁଲ୍ ଲ୍ୟାମ୍ପ ଡିଜାଇନ୍‌ର ଏହି ଆକ୍ୱାରିୟମ୍ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ସେମିତି ମନରେ ଦ୍ୱନ୍ଦ୍ୱ ବି ସୃଷ୍ଟି କରେ, କାଳେ ଝୁଲିକି ରହିଥିବା ଏହି ଆକ୍ୱାରିୟମ୍‌ଟି ତଳକୁ ଖସି ପଡ଼ିବ କି!

**ବାର୍ଡ କେଜ୍ ଆକ୍ୱାରିୟମ୍:** ପଞ୍ଜୁରି ଡିଜାଇନ୍‌ର ଏହି ଆକ୍ୱାରିୟମ୍‌ଟି ମଧ୍ୟ ଦୁଇ ଭାଗରେ ବିଭକ୍ତ। ଉପରି ଭାଗରେ ଆକ୍ୱାରିୟମ୍, ଯେଉଁଥିରେ ରଙ୍ଗିନ ମାଛ ପହଁରିବାର ଦୃଶ୍ୟ ଓ ତଳଭାଗରେ ପଞ୍ଜୁରି, ଯେଉଁଥିରେ ଛୋଟ ଛୋଟ ପକ୍ଷୀ ଡିଆଁଡେଇଁ କରୁଥିବାର ଦୃଶ୍ୟକୁ ଏକକାଳୀନ ଉପଭୋଗ କରିବାର ମଜା ବେଶ୍ ନିଆରା ଲାଗିଥାଏ।



















ଅର୍ପିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଭଲ ଲାଗେ

ସ୍ତ୍ରୀ ସ୍ୱାମୀଙ୍କୁ- ମୁଁ ତୁମକୁ କେତେ ଭଲ ଲାଗେ ?
ସ୍ୱାମୀ- ବହୁତ।
ସ୍ତ୍ରୀ- ବହୁତ ମାନେ କେତେ ?
ସ୍ୱାମୀ- ଏତେ ଭଲ ଲାଗ ଯେ, ଇଚ୍ଛା ହଉଛି ତମ ଭଳି ଆଉ ୨-୩ ଜଣଙ୍କୁ ନେଇ ଆସନ୍ତି।

### ୨୪ ବର୍ଷ

ଦୁଇଜଣ ମହିଳା କଥା ହେଉଥିଲେ।
ପ୍ରଥମ ମହିଳା- ଜାଣିଛ ୨୪ ବର୍ଷ ଯାଏ ମୋର କିଛି ପିଲାଛୁଆ ହେଉ ନ ଥିଲେ।
ଦ୍ୱିତୀୟ ମହିଳା- ଓ! ତା'ପରେ କ'ଣ କଲ ?
ପ୍ରଥମ ମହିଳା- ତା'ପରେ ଆମଘର ଲୋକ ମୋର ବାହାଘର କରେଇଦେଲେ। ଆଉ ମୋର ପୁଅ ହେଲା।

### ହାତ

ମନୋଜ ପଣ୍ଡିତଙ୍କୁ- କୌଣସି ସୁନ୍ଦରୀ ଝିଅର ହାତ ପାଇବାକୁ ହେଲେ କ'ଣ କରିବାକୁ ହେବ ?
ପଣ୍ଡିତ- ଗୋଟେ କାମ କର, କୌଣସି ମଲ୍ ସାମ୍ନାରେ ମେହେନ୍ଦି ଲଗାଇବା ବ୍ୟବସାୟ ଆରମ୍ଭ କରିଦିଅ। ଅନେକ ସୁନ୍ଦରୀଙ୍କ ହାତ ତୁମ ହାତକୁ ଆସିବ।



# କର୍ନାଟକରେ ପକ୍ଷୀ ବିହାର



**ବେଶ୍ କିଛିଦିନର ବ୍ୟବଧାନ ପରେ କର୍ନାଟକକୁ ପୁନର୍ବାର ପର୍ଯ୍ୟଟକ ଭ୍ରମଣ ନିମନ୍ତେ ଯିବା ଲାଗି ଅନୁମତି ମିଳିଗଲାଣି। ତେଣୁ ଧୀରେ ଧୀରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ଏହି ଶୀତଦିନେ କର୍ନାଟକରେ ପକ୍ଷୀ ବିହାର କରିବାର ସୁଯୋଗ ବେଶ୍ ନିଆରା ଲାଗିଥାଏ...**









**କ**ର୍ନାଟକ ନିଜର ଐତିହାସିକ କୀର୍ତ୍ତିରାଜି ସହିତ ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଦେଶବିଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡ଼ା ବିଭିନ୍ନ ଲୁପ୍ତପ୍ରାୟ ପଶୁପକ୍ଷୀଙ୍କର ସୁରକ୍ଷା ନିମନ୍ତେ ଏଠାରେ ରହିଛି ଅନେକ ବନ୍ୟପ୍ରାଣୀ ଅଭୟାରଣ୍ୟ। ବିଶେଷକରି ଏହି ଅଭୟାରଣ୍ୟଗୁଡ଼ିକରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପଶୁଙ୍କ ସମେତ ଅନେକ ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ମୁଖ୍ୟତଃ ଶୀତଦିନେ ଏଠାକୁ ବହୁ ବିଦେଶୀ ପକ୍ଷୀ ଉଡ଼ିଆସନ୍ତି, ଯାହା ସ୍ଥାନୀୟ ଅଞ୍ଚଳର ଶୋଭାକୁ ବଢ଼ାଇବାରେ ବେଶ୍ ସହାୟକ ହୋଇଥାଏ। ଏଠାରେ ସେମିତି କେତୋଟି କର୍ନାଟକର ଲୋକପ୍ରିୟ ପକ୍ଷୀ ଅଭୟାରଣ୍ୟ ସମ୍ପର୍କରେ ଉଲ୍ଲେଖ କରାଗଲା...

**ରଙ୍ଗନାଥିଟ୍ଟୁ:** କର୍ନାଟକର ମାଣ୍ଡ୍ୟା ଜିଲାରେ ଥିବା ରଙ୍ଗନାଥିଟ୍ଟୁ ପକ୍ଷୀ ଅଭୟାରଣ୍ୟଟି ହେଉଛି ସ୍ଥାନୀୟ ଅଞ୍ଚଳର ଏକ ବଡ଼ ଅଭୟାରଣ୍ୟ। ଏଠାରେ ପ୍ରାୟ ୧୭୦ ପ୍ରଜାତିର ପକ୍ଷୀ ଦେଖାଯାଇଥାନ୍ତି, ଯେମିତିକି ପେଣ୍ଟେଡ୍ ଷ୍ଟର୍କ, ଏସିଆନ୍ ଓପନ୍‌ବିଲ୍ ଷ୍ଟର୍କ, କମନ୍ ସ୍ପୁନ୍‌ବିଲ, ଉଲ୍ଲି-ନେକ୍ଡ ଷ୍ଟର୍କ, ବ୍ଲାକ୍ ହେଡେଡ୍ ଇବିସ୍, ଇଣ୍ଡିଆନ୍ ସାଗ୍ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ଶୀତଦିନେ ଏଠାକୁ ପ୍ରାୟ ୪୦ ହଜାରରୁ ଅଧିକ ଭ୍ରମଣକାରୀ ପକ୍ଷୀ ଉଡ଼ି ଆସୁଥିବାର ରେକର୍ଡ ମଧ୍ୟ ରହିଛି। ତେଣୁ ପର୍ଯ୍ୟଟକଙ୍କ ନିମନ୍ତେ ଶୀତଦିନେ ପକ୍ଷୀ ବିହାର ପାଇଁ ଏହାଠାରୁ ଭଲସ୍ଥାନ ଆଉ କ'ଣ ହୋଇପାରେ।

**ବାଙ୍କାପୁରା:** କର୍ନାଟକର ହାବେରୀ ଜିଲାରେ ରହିଛି ବାଙ୍କାପୁରା ନାମକ ଏକ ଆକର୍ଷଣୀୟ ସ୍ଥଳୀ, ଯେଉଁଠାରେ ବାଙ୍କାପୁରା ନାମକ ଏକ ଦୁର୍ଗ ଅଛି। ଆଉ ଏହି ଦୁର୍ଗ ମଧ୍ୟରେ ଏକ ଅଭୟାରଣ୍ୟ ପ୍ରତିଷ୍ଠା କରାଯାଇ ମୁଖ୍ୟତଃ ମୟୂର ଓ ମୟୂରୀଙ୍କୁ ସୁରକ୍ଷା ଦିଆଯିବା ସହ ସେମାନଙ୍କର ବଂଶ ବୃଦ୍ଧି ପାଇଁ ବି ବିଶେଷ ଦୃଷ୍ଟି ଦିଆଯାଉଛି। ତା'ଛଡ଼ା ଏଠାରେ ଅନ୍ୟାନ୍ୟ କେତେକ ପକ୍ଷୀ ଯେମିତିକି: ଗ୍ରୀନ୍ ବି ଇଟର୍, ନାଇଟ୍‌ଜାର୍, ପାରାଡାଇଜ୍ ଫ୍ଲାଏ କ୍ୟାଚର୍, ଇଣ୍ଡିଆନ୍ ରବିନ୍, ସ୍ୱଟେଡ୍ ଡୋଭ୍, ଗ୍ରେ ହର୍ନବିଲ୍, ବ୍ଲୁ ଟେଲ୍ଡ ବି ଇଟର୍, ଟେଲର୍ ବାର୍ଡ ଇତ୍ୟାଦିଙ୍କୁ ବି ପର୍ଯ୍ୟଟକ ଦେଖିବାର ସୁଯୋଗ ପାଇପାରିବେ।

**ଦାନ୍ଦେଲି:** ଏହା କର୍ନାଟକର ଉତ୍ତର କନ୍ନଡ଼ ଜିଲାରେ ଅବସ୍ଥିତ ଏକ ଅଭୟାରଣ୍ୟ। ପ୍ରାୟ ୮୬୬.୪୧ ବର୍ଗ କି.ମି. ପରିସୀମା ବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ିଉଠିଥିବା ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ବାଘ, ହାତୀ, ହରିଣ ଆଦି ପଶୁଙ୍କ ସମେତ ପ୍ରାୟ ୨୦୦ ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ। କହିବାକୁ ଗଲେ ପକ୍ଷୀବିହାର ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ। ଗ୍ରେଟ୍ ହର୍ନବିଲ୍ ଓ ମାଲବର ପାଇଡ୍ ହର୍ନବିଲ୍ ନାମରେ ଦୁଇଟି ପକ୍ଷୀ ହେଉଛନ୍ତି ଏଠାକାର ମୁଖ୍ୟ ଆକର୍ଷଣ। ତା'ଛଡ଼ା ଅହିରାଜ ଓ କୁମ୍ଭୀରଙ୍କ ସୁରକ୍ଷା ନିମନ୍ତେ ବି ଏଠାରେ ବିଶେଷ ଧ୍ୟାନ ଦିଆଯାଇଥାଏ।

**ମଣ୍ଡାଗଡ଼େ:** କର୍ନାଟକର ଶିମୋଗା ଜିଲାରେ ରହିଛି ମଣ୍ଡାଗଡ଼େ ନାମକ ଏକ ଗାଁ। ଆଉ ଏହି ଗାଁ ନିକଟ ଦେଇ ବହିଯାଉଥିବା ତୁଙ୍ଗା ନଦୀ ମଧ୍ୟରେ ରହିଛି ଏକ ଛୋଟ ଦ୍ୱୀପ, ଯାହା ମଣ୍ଡାଗଡ଼େ ପକ୍ଷୀ ଅଭୟାରଣ୍ୟ ଭାବେ ଜଣାଶୁଣା। ଏହି ଅଭୟାରଣ୍ୟରେ ବର୍ଷସାରା ବିଭିନ୍ନ ପ୍ରକାରର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଆଉ ଖାସ୍ କରି ଶୀତଦିନେ ଏଠାକୁ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଉଡ଼ିଆସିଥାନ୍ତି। ଅପୂର୍ବ ପ୍ରାକୃତିକ ଶୋଭାରେ ଭରା ମଣ୍ଡାଗଡ଼େରେ ଏହି ପକ୍ଷୀମାନଙ୍କୁ ଦେଖିବା ସହ ସେମାନଙ୍କ କାକଳି ଶୁଣିବାକୁ ବେଶ୍ ମଧୁର ଲାଗିଥାଏ।

କେବଳ ଏତିକି ନୁହେଁ, କର୍ନାଟକରେ ପକ୍ଷୀ ବିହାର ନିମନ୍ତେ ରହିଛି ଆହୁରି ଅନେକ ପକ୍ଷୀ ଅଭୟାରଣ୍ୟ, ଯେମିତିକି: ମଗଦୀ ପକ୍ଷୀ ଅଭୟାରଣ୍ୟ, ଗୁଡ଼ଭି ପକ୍ଷୀ ଅଭୟାରଣ୍ୟ, ଅଙ୍ଗିଭେରୀ ପକ୍ଷୀ ଅଭୟାରଣ୍ୟ ଇତ୍ୟାଦି ଅନ୍ୟତମ।











# ପର୍ପଲ ଆଇଲାଣ୍ଡ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯାହାର ସୌନ୍ଦର୍ଯ୍ୟ ବେଶ୍ ମନଲୋଭା। କିଛି ସ୍ଥାନ ପ୍ରାକୃତିକ ଭାବେ ସୁନ୍ଦର ଓ ଆକର୍ଷକ ହୋଇଥିବାବେଳେ ଆଉ କିଛି ସ୍ଥାନକୁ ମଣିଷ କରିଦେଇଛି ବେଶ୍ ମନଲୋଭା। ସେମିତି ଏକ ସ୍ଥାନ ହେଉଛି ଦକ୍ଷିଣ କୋରିଆର ସାଉଥ ଜିଓଲା ପ୍ରାନ୍ତର ସିନାନ କାଉଣ୍ଟିରେ ଥିବା 'ବନୱଲ ଆଇଲାଣ୍ଡ'। ଏହା ପର୍ପଲ ଆଇଲାଣ୍ଡ ବା ହାଫ୍ ମୁନ୍ ଆଇଲାଣ୍ଡ ଭାବେ ବେଶ୍ ପରିଚିତ। ଏହି ଦ୍ୱୀପର ଯେଉଁଆଡକୁ ଆଖି ବୁଲାଇବେ ପର୍ପଲ ବା ବାଇଗଣୀ ରଙ୍ଗ ହିଁ ଦେଖିବାକୁ ମିଳିବ। ରଙ୍ଗକୁ ଭଲ ପାଉଥିବା ଲୋକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତ ହେବ। ଏଠାକାର ସବୁ ଘରର ରଙ୍ଗ ପର୍ପଲ ବା ବାଇଗଣୀ, ରାସ୍ତାଘାଟ ଓ ପୋଲର ରଙ୍ଗ ବି ବାଇଗଣୀ। ୪୦,୦୦୦ରୁ ଊର୍ଦ୍ଧ୍ୱ ବାଇଗଣୀ ରଙ୍ଗର ଲାଭେଣ୍ଡର ଗଛ ବି ଲଗାଯାଇଛି। ଏଠାକାର ହୋଟେଲ ରୁମ୍‌ଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ, ଟୟଲେଟ୍ ସବୁକିଛି ବାଇଗଣୀ ରଙ୍ଗର। ସ୍ଥାନୀୟ କାର୍‌ଗୁଡ଼ିକ ବି ବାଇଗଣୀ ରଙ୍ଗର। ଏହି ପର୍ପଲ ଆଇଲାଣ୍ଡର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି।







## କାର୍ଟୁନ କର୍ନର



# ଅଜବ କାକ୍‌ଟସ୍



**କାକଟସ୍ ସାଧାରଣତଃ କଣ୍ଟା ଜାତୀୟ ଓ ଦେଖିବାକୁ ଖୁବ୍ ଆକର୍ଷଣୀୟ । କେବଳ ବଗିଚା ନୁହେଁ ଏହାକୁ ଘର ଭିତରେ ମଧ୍ୟ ଲଗାଯାଇଥାଏ। ତେବେ ଏମିତି କିଛି କାକଟସ୍ ଅଛି, ଯାହାକୁ ଦେଖିଲେ ଆଦୌ ଲାଗିବ ନାହିଁ ଯେ, ଏହା କାକ୍‌ଟସ୍ ବୋଲି...**



**ପେରୁଭିଆନ୍ ଓଲ୍ଡ ଲେଡି କାକ୍‌ଟସ୍ :** ଏହା ଏକ ପ୍ରକାର ଲୋମଶ କାକ୍‌ଟସ୍ ସାଧାରଣତଃ ପାହାଡିଆ ଉଚ୍ଚ ଜଙ୍ଗଲରେ ଦେଖିବାକୁ ମିଳେ । ଏହା ପ୍ରାୟ ୧୦ଇଞ୍ଚ ପର୍ଯ୍ୟନ୍ତ ବଢିଥାଏ ଓ ବାହାର ଅଂଶରେ ଥିବା ଲୋମ ପରି ଜାଲ ଯୋଗୁ ଏହାର କଣ୍ଟା ଲୁଚି ଯାଇଥାଏ । ଏହି ଜାତୀୟ କାକ୍‌ଟସ୍ କୁଣ୍ଡରେ ଭଲ ବଢିଥାଏ । ପାଣି ଡ୍ରେନ୍ ହୋଇ ପାରୁଥିବା ଉତ୍ତମ ମାଟି ଓ ପ୍ରଚୁର ସୂର୍ଯ୍ୟକିରଣରେ ଏହା ଭଲ ବଢିଥାଏ । ଶୀତ ଦିନରେ ଅଳ୍ପ ପାଣିରେ ବଞ୍ଚିପାରେ ।

**ପାଇସ୍ ଫ୍ରମ୍ ହେଭେନ୍ :** ଏହି ଅଜବ ଫୁଲ ଆକାରର ଦିଶୁଥିବା କାକ୍‌ଟସ୍ ମାଡାଗାସ୍କାର ଜାତୀୟ ତୃଣ । ଏହା ୧୨ ଇଞ୍ଚ ପର୍ଯ୍ୟନ୍ତ ବଢିଥାଏ । ଏହାର ପତ୍ର ଅଳ୍ପ ଲୋମଶ ହୋଇଥିବାରୁ ଏହା ରୂପେଲି, ସବୁଜ ଓ ମାଟିଆ ରଙ୍ଗରେ ଚିତ୍ର ଭଳି ଦେଖାଯାଏ । ଏହି କାକ୍‌ଟସ୍‌ରେ ହାଲ୍‌କା ସବୁଜ-ହଳଦିଆ ରଙ୍ଗ ମିଶ୍ରିତ ଫୁଲ ଫୁଟିଥାଏ । ଏହି କାକ୍‌ଟସ୍‌କୁ ଉଭୟ ଘରେ ଓ ବାହାରେ ସଜାଇ ରଖିହେବ । କିନ୍ତୁ ଏହା ଥଣ୍ଡା ସହିବା ଗଛ ନୁହେଁ, ସେଥିପାଇଁ ଟାଣ ଖରା ପଡୁଥିବା ସ୍ଥାନରେ ରଖିଲେ ଏହା ଅଧିକ ଦିନ ଯାଏ ସତେଜ ରହେ ଏବଂ ଘର ଭିତରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନ ବା ଉଷ୍ମ ବାତାବରଣରେ ରଖିହେବ । ଏହା ମଧ୍ୟ ସ୍ୱଳ୍ପ ପାଣିରେ ବଞ୍ଚିପାରେ ।


**ମିଙ୍ଗ୍ ଥିଙ୍ଗ୍ :** ଦକ୍ଷିଣ ଆମେରିକାରେ ଏକ ପ୍ରକାର ମୋଡିମୋଡି ହୋଇଥିବା ଭଳି କାକ୍‌ଟସ୍ ଦେଖିବାକୁ ମିଳେ । ମିଙ୍ଗ୍ ଥିଙ୍ଗ କାକ୍‌ଟସ୍ ନୀଳ-ସବୁଜ ରଙ୍ଗର ହୋଇଥାଏ ଏବଂ ଏହା ୧୨ ଇଞ୍ଚ ବିଶିଷ୍ଟ । ଏଥିରେ ଛୋଟ ଛୋଟ କଳା ରଙ୍ଗର କଣ୍ଟା ଥାଏ । ଏହାକୁ ବେଶି ଘର ଭିତରେ ସଜାଯାଏ । ଏହି ଜାତୀୟ କାକ୍‌ଟସ୍ ବହୁତ ବଢିଥାଏ ଓ ଏହା ଟାଣ ସୂର୍ଯ୍ୟ ରଶ୍ମିରେ ବଞ୍ଚେ ।

**କ୍ରାସୁଲା ବେବି ନେକ୍‌ଲେସ୍ :** ବେବି ନେକଲେସ୍ କାକ୍‌ଟସ୍ ଏକ ହାଇବ୍ରିଡ୍ ମାଇରନ୍ କିମ୍‌ନାଚ ଜାତୀୟ କାକ୍‌ଟସ୍ । ଏହାର ପତ୍ରଗୁଡିକ ଛୋଟ, ହାଲ୍‌କା ଓ ନଡା ଆକାରର କାଣ୍ଡ ପରି ଏବଂ ଏହା ଦେଖିବାକୁ ମାଳିରେ ଗୁନ୍ଥା ହୋଇଥିବା ନେକ୍‌ଲେସ୍ ପରି । ଏହା ପ୍ରାୟ ୧୨ ଇଞ୍ଚ ଯାଏ ବଢେ । ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଆରମ୍ଭ ସମୟରେ ଏଥିରେ ଫୁଲ ଆସିଥାଏ । ଏହାର ଅଧିକ ଯତ୍ନ ନେବାକୁ ପଡେ ନାହିଁ । କିନ୍ତୁ ଏହା ଅଧିକ ସୂର୍ଯ୍ୟାଲୋକ ଆବଶ୍ୟକ କରିଥାଏ ।


**ମୌନା ଲୋଆ :** ଏହା ଦେଖିବାକୁ ଏକଦମ୍ ଗୋଲାପ ଫୁଲ ପରି । ପତ୍ରଗୁଡିକ ଭିତର ଆଡୁ ସବୁଜ ହୋଇ ଶେଷ ଆଡକୁ ନାଲି ରଙ୍ଗର ଢେଉ ଆକାରର । ଏହାକୁ ଦେଖିଲେ କେହି କାକ୍‌ଟସ୍ ବୋଲି ବିଶ୍ୱାସ କରିପାରିବେ ନାହିଁ । ଏହା ଏଚେଭେରୀଆଲ୍ କଲଟିଭର ଜାତୀୟ କାକ୍‌ଟସ୍ । ଏହା ଅନ୍ୟ କାକ୍‌ଟସ୍ ତୁଳନାରେ ବହୁତ ଭିନ୍ନ । ଏହା ବଞ୍ଚିବା ପାଇଁ ଅଧିକ ପାଣି ଆବଶ୍ୟକ କରିଥାଏ ।


**ବେସ୍ ବଲ କାକ୍‌ଟସ୍ ପ୍ଲାଣ୍ଟ :** ବଲ୍ ପରି ଦିଶୁଥିବା ଏହି କାକ୍‌ଟସ୍ ୟୁଫୋରବିଆ ଓବେସା ଜାତୀୟ କାକ୍‌ଟସ୍, ଯାହା ଦେଖିବାକୁ ମାଟିଆ ଓ ସବୁଜ ରଙ୍ଗର ଏବଂ ଏଥିରେ କମଳା ଓ ବାଇଗଣୀ ରଙ୍ଗର ଦାଗ ରହିଥାଏ । ଏହି କାକ୍‌ଟସ୍‌ର ଉଚ୍ଚତା ୮ ଇଞ୍ଚ ହୋଇଥିବା ବେଳେ ମୋଟେଇ ୩.୫ ଇଞ୍ଚ ଥାଏ । ଏହା ଅଧିକ ପାଣି ଓ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଏଥିରେ ସବୁଜ-ହଳଦିଆ ରଙ୍ଗ ମିଶ୍ରଣର ଫୁଲ ଫୁଟିଥାଏ ।

**ଲିଭିଙ୍ଗ ଷ୍ଟୋନ୍ :** ଲିଭିଙ୍ଗ ଷ୍ଟୋନ୍ କାକ୍‌ଟସ୍ ସାଧାରଣତଃ ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳେ । ଏହା ଉଭୟ ଲମ୍ବା ଓ ମୋଟେଇରେ ୩ ଇଞ୍ଚ ଯାଏ ବଢିଥାଏ । ଏହି କାକ୍‌ଟସ୍ ବିଭିନ୍ନ ରଙ୍ଗର ଦେଖିବାକୁ ମିଳେ । ଏହା ଏକଦମ୍ ଛୋଟ ଛୋଟ ପଥର ଆକାରର ହୋଇଥାଏ । ଶରତ ଋତୁ ସମୟରେ ଏଥିରେ ବଡ ବଡ ଧଳା ରଙ୍ଗର ଫୁଲ ଫୁଟେ । ଏହାର ବହୁତ ଯତ୍ନ ନେବାକୁ ପଡେ ।



**କ୍ରଲିଙ୍ଗ ଅକ୍ଟୋପସ୍ ବା ଭ୍ୟାନ୍ ବାଲେନ୍ ଅଲି :** ଏହା ଗାଢ ଲାଲ୍ ଓ କମଳା ରଙ୍ଗ ପତ୍ର ବିଶିଷ୍ଟ କାକ୍‌ଟସ୍ ଅଟେ । ପ୍ରଥମେ ଏହା ସବୁଜ ରଙ୍ଗର ହୋଇଥାଏ। କିନ୍ତୁ ଧୀରେ ଧୀରେ କମଳା ଓ ପରେ ନାଲି ରଙ୍ଗର ହୋଇଥାଏ । ଏହା ଅଧିକ ସୂର୍ଯ୍ୟାଲୋକ ଆବଶ୍ୟକ କରେ । ଏହାର ପତ୍ରଗୁଡିକ ଅକ୍ଟୋପସ୍‌ର ଗୋଡ ପରି ବାହାରିଥାଏ ; ଯାହା ୩ ରୁ ୪ ଇଞ୍ଚ ଯାଏ ବଢିଥାଏ । ଏହା ମାଟି ଓ ଟାଣ ଖରାରେ ବଢିଥାଏ ।







# ଦୁଃଖର ସାଥୀ

କୁହାଯାଏ ଯିଏ ଦୁଃଖରେ ସାଥ୍ ଦିଏ ସେ ହିଁ ପ୍ରକୃତ ବନ୍ଧୁ। ମଣିଷଙ୍କ ଭିତରେ ଏହି ବିଶ୍ୱାସ ବହୁ ଆଗରୁ ରହିଆସିଛି। ହେଲେ ପ୍ରାଣୀଙ୍କ ଭିତରେ କ'ଣ ଏହି ଭାବନା ଥାଏ ? ଏହି ପ୍ରଶ୍ନର ଉତ୍ତର ଦେଉଛି ନିମ୍ନୋକ୍ତ ଫଟୋ। ଫଟୋରେ ଥିବା ଦୁଇ ପେଙ୍ଗୁଇନ୍‌ଙ୍କର ଏକ ଦୁଃଖଦ କାହାଣୀ ରହିଛି। ଉଭୟେ ନିଜର ସାଥୀଙ୍କୁ ହରାଇଛନ୍ତି। ଧଳା ପେଙ୍ଗୁଇନ୍‌ଟି ନିଜର ପୁରୁଷ ସାଥୀ ହରାଇଥିବାବେଳେ କଳା ପେଙ୍ଗୁଇନ୍, ଯେ କି ଏକ ପୁରୁଷ ପେଙ୍ଗୁଇନ୍ ସେ ମଧ୍ୟ ନିଜର ସାଥୀ ହରାଇଛି। ଦୁହେଁ ବହୁତ ଦୁଃଖୀ ଥିଲେ। ତେବେ ଏହି ଦୁଇଜଣଙ୍କର ଦେଖା ହେବା ପରେ ଦୁହେଁ ଦୁହିଁଙ୍କ ଦୁଃଖ ବୁଝିଛନ୍ତି। ଆଉ ଉଭୟେ ଉଭୟଙ୍କୁ ଶାନ୍ତ୍ୱନା ଦେବା ପାଇଁ ଏକ ପଥର ଉପରେ କାନ୍ଧରେ ହାତ ରଖି ଠିଆ ହୁଅନ୍ତି। ଘଣ୍ଟା ଘଣ୍ଟା ଏମିତି ପଥର ଉପରେ ଠିଆ ହୋଇ ନିକଟସ୍ଥ ସହରର ଆଲୋକମାଳାକୁ ଚାହିଁ ରହନ୍ତି ଓ ଦୁଃଖ ବାଣ୍ଟନ୍ତି। ଅଷ୍ଟ୍ରେଲିଆ, ମେଲବୋର୍ନର ଏହି ଦୃଶ୍ୟକୁ ଫଟୋଗ୍ରାଫର ତୋବିଆସ ବୌମଗାର୍ଟନର୍‌ଙ୍କ ନଜରକୁ ଆସିଥିଲା। ଆଉ ଏହାକୁ ସେ ନିଜ କ୍ୟାମେରାରେ ଉତ୍ତୋଳନ କରିବା ପାଇଁ ଅନେକ ପ୍ରୟାସ କରିଥିଲେ। ଶେଷରେ ସେ ପେଙ୍ଗୁଇନ୍ ଦଳରେ ୩ ରାତି ରହି ବହୁ ସତର୍କତାର ସହ ଏହି ଦୃଶ୍ୟକୁ ନିଜର କ୍ୟାମେରାରେ ଆବଦ୍ଧ କରିଥିଲେ। ଏହି ଫଟୋକୁ ନିକଟରେ ୨୦୨୦ ଓସେନ୍ ଫଟୋଗ୍ରାଫିରେ ପ୍ରଥମ ସ୍ଥାନ ମିଳିଛି।



ବ୍ୟାକ୍ ପେଜ୍







# ବ୍ରିଫ୍‌କେସ୍ ସାଙ୍ଗେ ଲଭ୍ ବର

ପ୍ରେମରେ ପଡ଼ିବା ଓ ସେହି ପ୍ରେମକୁ ସାକାର କରି ବିବାହ କରୁଥିବା ଘଟଣା ସାଧାରଣ ହୋଇପାରେ। ହେଲେ କୌଣସି ନିର୍ଜୀବ ବସ୍ତୁକୁ ଜୀବନଠୁ ବେଶି ଭଲ ପାଇବା ଓ ତାକୁ ବିବାହ କରିବା ଘଟଣା ବହୁତ ବିରଳ। ସେମିତି ଏକ ବିରଳ ବିବାହ ରୁଷିଆରେ ଦେଖିବାକୁ ମିଳିଛି। ଏଠାକାର ଜଣେ ୨୪ ବର୍ଷୀୟା ଯୁବତୀ ନିଜର ମେଟାଲ ବ୍ରିଫ୍‌କେସ୍‌କୁ ବହୁତ ଭଲ ପାଉଥିଲେ। ଆଉ ଏହି ଭଲପାଇବା ଏତେ ବଢ଼ିଗଲା ଯେ, ଶେଷରେ ସେ ସେହି ବ୍ରିଫ୍‌କେସ୍‌କୁ ବିବାହ କରିନେଲେ। ସେ ଏହି ବ୍ରିଫ୍‌କେସ୍‌ର ନାଁ ଗିଡିୟାନ ରଖିଛନ୍ତି। ସେ ବ୍ରିଫ୍‌କେସ୍ ସହ ଦିନରେ ୪-୪ ଘଣ୍ଟା ପର୍ଯ୍ୟନ୍ତ କଥା ହୁଅନ୍ତି। ଏହି ଯୁବତୀଙ୍କ ନାମ ହେଉଛି ରେନ୍ ଗାର୍ଡନ, ପେସାରେ ଶିକ୍ଷୟିତ୍ରୀ। ସେ ନିର୍ଜୀବ ବସ୍ତୁକୁ ବହୁତ ଭଲ ପାଆନ୍ତି। ଏହି ବ୍ରିଫ୍‌କେସ୍‌କୁ ସେ ୫ ବର୍ଷ ପୂର୍ବେ ଏକ ହାର୍ଡୱେର ଷ୍ଟୋରରୁ କିଣିଥିଲେ। ଏହା ତାଙ୍କୁ ବହୁତ ଭଲ ଲାଗିଥିଲା। ଧୀରେ ଧୀରେ ଏହି ନିର୍ଜୀବ ବସ୍ତୁକୁ ଭଲପାଇ ବସିଲେ। ରେନ୍ କୁହନ୍ତି, ବ୍ରିଫ୍‌କେସ୍ ସହ ତାଙ୍କର ସ୍ପିରିଚୁଆଲ କମ୍ୟୁନିକେଶନ ରହିଛି। ତେଣୁ ସେ ଗିଡିୟାନକୁ ଶୁଣିପାରନ୍ତି ଓ ଗିଡିୟାନ ତାଙ୍କ କଥା ଶୁଣିପାରେ। ରେନ୍ ବ୍ରିଫ୍‌କେସ୍ ଗିଡିୟାନ ସହ ଅନ୍‌ଲାଇନ୍ ବିବାହ କରିଛନ୍ତି। ଏଥିରେ ସାଙ୍ଗସାଥୀ ଓ ସମ୍ପର୍କୀୟ ଯୋଗ ଦେଇଥିଲେ। ଏହି ବିବାହ ପାଇଁ ରେନ୍ ଏକ ଖାସ୍ ମୁଦି ତିଆରି କରିଥିଲେ। ତେବେ ରେନ୍‌ଙ୍କର ନିର୍ଜୀବ ବସ୍ତୁକୁ ଭଲ ପାଇବା ସମ୍ପର୍କରେ ବୈଜ୍ଞାନିକ କହନ୍ତି, ସେ ଅବଜେକ୍ଟ ସେକ୍ସୁଆଲିଟି ନାମକ ରୋଗରେ ଆକ୍ରାନ୍ତ, ଯାହା ଉପରେ ସାରା ପୃଥିବୀରେ ଅନେକ ଗବେଷଣା ହୋଇଛି।

# ଏଠି ଚପଲ ପିନ୍ଧିବା ମନା

ଆଜିକାଲି ଜୋତା, ଚପଲ ଜୀବନର ଏକ ଅଙ୍ଗ ପାଲଟିଗଲାଣି। ଖାଲି ବାହାରେ ନୁହେଁ ଘରେ ବି ଚପଲ ପିନ୍ଧିବା ସାଧାରଣ କଥା ହୋଇଗଲାଣି। ଖାଲି ଯାହା କୌଣସି ମନ୍ଦିର ଅବା କୌଣସି ପବିତ୍ର ସ୍ଥାନକୁ ଗଲେ ଚପଲ ପିନ୍ଧାଯାଏ ନାହିଁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଭାରତରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧନ୍ତି ନାହିଁ। ତାମିଲନାଡୁର ମଦୁରାଇଠାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଏହି ଗାଁରେ ଜୋତା, ଚପଲର ନାଁ ଶୁଣିଲେ ଲୋକେ ରାଗି ଯାଆନ୍ତି। ଆଉ ଯଦି କିଏ ଚପଲ ପିନ୍ଧେ ତେବେ ତାକୁ କଠୋର ଦଣ୍ଡ ଦିଆଯାଏ। ସେଇ ଗାଁଟି ହେଉଛି 'କଲିମୟାନ'। ଏଠାରେ କେହି ବି ଚପଲ ପିନ୍ଧନ୍ତି ନାହିଁ। ଗାଁ ବାହାରକୁ ଯିବାକୁ ଥିଲେ, ଗାଁ ସୀମା ଶେଷ ହେବା ପର୍ଯ୍ୟନ୍ତ ଚପଲ ହାତରେ ଧରି ଯିବାକୁ ହୁଏ। ସୀମା ପାର ହେବା ପରେ ଯାଇ ଚପଲ ପିନ୍ଧିପାରିବେ। ଗାଁ ଲୋକଙ୍କ ମତରେ ଚପଲ ପିନ୍ଧିଲେ ଗାଁରେ ପୂଜା ପାଉଥିବା ଦେବତା କ୍ରୋଧ କରିବେ। ଏହି ଗାଁରେ 'ଅପାଚ୍ଛି' ନାମକ ଦେବତାଙ୍କୁ ପୂଜା କରାଯାଏ। ଗ୍ରାମବାସୀଙ୍କ ବିଶ୍ୱାସ ଯେ ଗ୍ରାମ ଦେବତା ତାଙ୍କର ରକ୍ଷା କରନ୍ତି। ତେଣୁ ତାଙ୍କୁ ସମ୍ମାନ ଜଣାଇ ଏଠାରେ ଜୋତା କି ଚପଲ ପିନ୍ଧାଯାଏ ନାହିଁ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଛି। ଆଉ ଏବେବି ଏହାକୁ ଲୋକେ ମାନୁଛନ୍ତି।

